## ସଂକ୍ଷେପରେ

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

କ.ନୂଆଗାଁ,୨୬।୯(କାଳି ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା କ. ନୂଆଗାଁ ବ୍ଲକ ଭାଜପା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବ୍ଲକ ପରିସରରୁ ସଫେଇ କାର୍ଯ୍ୟ ଆରମ୍ଭ ହୋଇ ବଜାର, ଜଗନ୍ନାଥ ମନ୍ଦିର ପରିସର, ମେଡିକାଲ ଆଦି ବିଭିନ୍ନ ସ୍ଥାନରେ ସଫେଇ କରଯାଇଥିଲା । ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁ ଏଥିରେ ଯୋଗ ଦେଇ ଏପରକି କାର୍ଯ୍ୟକ୍ରମ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କହିଥିଲେ । ଏଥିସହ ସପ୍ତାହରେ ଦୁଇ ଘଣ୍ଟା ସଫେଇ କରିବା ପାଇଁ କହିଥିଲେ । କାର୍ଯ୍ୟକ୍ରମରେ ଭାଜପା ନେତା ପଣ୍ଡିତ କୁମାର ବିଶି ମାଝୀ, ଗୁରୁରାମ ପାତ୍ର, କାର୍ତ୍ତିକ ପ୍ରଧାନ, ନିଗମାନନ୍ଦ ପୂଜାରୀ, ଜୟବାନ ପ୍ରଧାନ, ଉଦ୍ଧବ ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ ।

### ଏନ୍ଏସି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ବୁଗୁଡ଼ା,୨୬।୯(କାଳିଚରଣ ଦାଶ):

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବୁଗୁଡ଼ା ଏନ୍ଏସି ପକ୍ଷରୁ ଆନ୍ତଃବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ, ଏକକ ଅଭିନୟ ଓ ବର୍ଜ୍ୟବସ୍ତୁରୁ ବିଭିନ୍ନ ଉପକରଣ ପ୍ରସ୍ତୁତି ପ୍ରତିଯୋଗିତା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏନ୍ଏସ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀଙ୍କ ପରିଚାଳନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଏନ୍ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ଉପାଧକ୍ଷା ଗୀତାଞ୍ଜଳି ପାଢ଼ୀ, ତହସିଲଦାର ତାପସ ରାଉତ, ଏବିଇଓ ତପସ୍ୱିନୀ ସାହୁ, ବାଲିପଦର ଏଏଓ ହରପ୍ରିୟା ବେହେରା ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଜଣାଇବା ସହ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । କୃତି ଛାତ୍ରୀଛାତ୍ରଙ୍କୁ ଗାନ୍ଧୀ ଜୟନ୍ତୀ ଅବସରରେ ବୁଗୁଡ଼ା ଏନଏସି କାର୍ଯ୍ୟାଳୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ।

### ପ୍ରୀତିରଞ୍ଜନ ଦାରିଙ୍ଗିବାଡି ବିଡ଼ିଓ



ଦାରିଙ୍ଗବାଡି, ୨୬।୯ (ଅରୁଣ ସାହୁ )

ରାଜ୍ୟରେ ଗତ ଦୁଇଦିନ ହେଲା ପ୍ରଶାସନିକ ସ୍ତରରେ ଅଦଳବଦଳ ଚାଲିଛି । ଏହି କ୍ରମରେ ପ୍ରୀତିରଞ୍ଜନ ରଥ ଦାରିଙ୍ଗିବାଡି ବିଡ଼ିଓ ରୂପେ ଯୋଗଦେବେ । ସେ ନବରଙ୍ଗପୁର ଜିଲା ଉମରକୋଟରୁ ଦାରିଙ୍ଗବାଡିକୁ ବଦଳି ହୋଇଛନ୍ତି । ଏଠାରେ କାର୍ଯ୍ୟରତ ବିଡିଓ ଗଦାଧର ପାତ୍ରଙ୍କ ଅନ୍ୟତ୍ର ବଦଳି ହୋଇଛି । ପାତ୍ର ଗତ ନଭେମ୍ବର ୨ରେ ଦାରିଙ୍ଗବାଡିର ନୂତନ ବିଡିଓ ଭାବେ ଯୋଗଦେଇଥିଲେ । ସେ ୨୦୨୨ ସେପ୍ଟେମ୍ବର ୩୦ରେ ପଦୋନ୍ନତି ପାଇଥିଲେ । ପାତ୍ର ୨ ଥର ଶୀତ ମହୋତ୍ସବ ପାଳନ କରି ଲୋକଙ୍କ ହୃଦୟ ଜିତିଥିଲେ । ପର୍ଯ୍ୟଟନ କ୍ଷେତ୍ର ରୁଦ୍ଧିମାଳ, ଡୁଲୁରୀ, ହିଲଭିୟୁ, ଲଭର୍ସ ପଏଣ୍ଟ ଆଦିର ବିକାଶ କରିଥିଲେ । ଦାରିଙ୍ଗବାଡିକୁ ନେଇ ସେ 'ଅଭୁଲା ସ୍ମୃତି' ନାମରେ ଏକ ପୁସ୍ତକ ଲେଖିଛନ୍ତି ।

### ଦୋକାନରୁ ଚୋରି

ହିଞ୍ଜିଳିକାଟୁ,୨୬।୯(ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁ ସହରରେ ବୁଧବାର ରାତିରେ ପ୍ରତାପ ମୁନିଙ୍କ ତେଜରାତି ଦୋକାନରୁ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ପ୍ରାୟ ୪୦ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟ କରିଥିବା ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି ।

# ଜିପିଏଲ୍ଏଫ୍ ମିଶନ ଶକ୍ତି କର୍ମୀ ସଂଘର କାର୍ଯ୍ୟବନ୍ଦ

## ୬ ମାସର ପାରିଶ୍ରମିକ ମିଳିନି

ଛତ୍ରପୁର,୨୬।୯ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଜିଲାରେ କାର୍ଯ୍ୟରତ ୬ଟି କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କୁ ଗତ ୬ ମାସ ହେଲା ଦରମା ମିଳିନି। ଉକ୍ତ ବକେୟା ପାରିଶ୍ରମିକ ପ୍ରଦାନ ଦାବି ନେଇ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି । ଗୁରୁବାର ୬ଟି କମ୍ୟୁନିଟି ଯଥା ଏମ୍‌ବିକେ, ସିଆରପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର ଓ ବନମିତ୍ର ଷ୍ଟାଫ୍‌କୁ ନେଇ ଗଠିତ ଜିଲାସ୍ତରୀୟ ଜିପିଏଲଏଫ ମିଶନ ଶକ୍ତି କର୍ମୀ ସଂଘ ପକ୍ଷରୁ



ସ୍ମାରକପତ୍ର ପ୍ରଦାନ କରି ଫେରୁଥିବା ମିଶନ ଶକ୍ତି କର୍ମୀମାନେ ।

ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସେମାନେ ପ୍ରଶାସନକୁ ଜଣାଇଛନ୍ତି । କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନେ ଦୀର୍ଘ ୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ ଦିଆଯାଇଥିବା କାର୍ଯ୍ୟ ତୃଣମୂଳ ସ୍ତରରେ କରି ଆସୁଛନ୍ତି । ହେଲେ ୬ ମାସ ହେଲା ସେମାନଙ୍କୁ ପାରିଶ୍ରମିକ ମିଳୁନି । ଏନେଇ ବାରମ୍ବାର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନି । ତେଣୁ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ସଂଘର ସଭାନେତ୍ରୀ ମମତା କୁମାରୀ ସୁବୁଦ୍ଧି, ସମ୍ପାଦିକା ମିନତୀ କୁମାରୀ ଦେବୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# କାର୍ପେଟ ତିଆରି କରି ସ୍ୱାବଲମ୍ବୀ ହେଲେ ଆଦିବାସୀ ମହିଳା



ଆଦିବାସୀ ମହିଳା ତିଆରି କରିଥିବା କାର୍ପେଟ୍‌କୁ ମାରୁଛନ୍ତି ।

ପାରଳାଖେମୁଣ୍ଡି,୨୬।୯(ଗିରିଧାରୀ ପରିଚ୍ଛା)

ସଚେତନତା ଅଭାବରୁ ଏବେ ମଧ୍ୟ ଅନେକ ଆଦିବାସୀ ମହିଳା ଅତି କଷ୍ଟରେ ଜୀବନ ନିର୍ବାହ କରୁଛନ୍ତି । ସେମାନଙ୍କ ବାର୍ଷିକ ଖାଦ୍ୟ ସୁରକ୍ଷା ଆକଳନ କରିବା କାଠିକର ହେଉଛି । ଏବେ ସେମାନେ କ୍ଷୁଦ୍ର ବ୍ୟବସାୟରେ ମନୋନିବେଶ କରି ସଫଳତା ପାଉଛନ୍ତି । କାର୍ପେଟ୍ ତିଆରି କରି ସ୍ୱାବଲମ୍ବୀ ହେଉଛନ୍ତି । ଏପରି ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ବାଘମାରୀ ପଞ୍ଚାୟତର ଶିକୁଲିପଦର ଗ୍ରାମରେ । ଚନ୍ଦ୍ରଗିରି ସୌରା ଡେଭଲପମେଣ୍ଟ ଏଜେନ୍ସି (ଏସ୍‌ଡିଏ) ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଏସ୍‌ଡବ୍ଲ୍ୟୁଡବ୍ଲ୍ୟୁଏସ୍‌ର ମିଳିତ ସହଯୋଗରେ ଏହି ଗ୍ରାମରେ ଆଦିବାସୀ ମହିଳାଙ୍କ ମଧ୍ୟରେ ଅର୍ଥନୈତିକ ପରିବର୍ତ୍ତନ ଆଣିବାପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ସେମାନଙ୍କୁ କାର୍ପେଟ ବୁଣା ଶିଖିବା ପାଇଁ ଉତ୍ସାହିତ କରାଯାଇଥିଲା । ଚନ୍ଦ୍ରଗିରିସ୍ଥିତ ତିବ୍ବତୀୟାନଙ୍କ ସହଯୋଗରେ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଶିକୁଲିପଦର ସହ ବାଘମାରୀ ଏବଂ ନୀଳଖୁଣ୍ଟି ଗ୍ରାମର ୧୫ ଜଣ ମହିଳା ଏହି ତାଲିମ ନେଇଥିଲେ । ତାଲିମ ପରେ ସେମାନେ ବିଭିନ୍ନ କିସମର କାର୍ପେଟ ତିଆରି କରିଥିଲେ । ବର୍ତ୍ତମାନସୁଦ୍ଧା ସେହି କାର୍ପେଟ ବିକ୍ରି କରି ଆଦିବାସୀ ମହିଳାମାନେ ୨୭ହଜାର ଟଙ୍କା ରୋଜଗାର କରିପାରିଛନ୍ତ । ଗୋଟିଏ ଗୋଟିଏ କାର୍ପେଟ ୩୦୦୦ରୁ ୬୦୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରି ସେମାନେ ସ୍ୱାବଲମ୍ବୀ ହେଉଛନ୍ତି । କାର୍ପେଟ ତିଆରି ଉପକରଣ ସେମାନେ ତିବ୍ବତୀୟାନ ମଲ୍ଟିପର୍ପୋଜ କୋ-ଅପରେଟିଭ ସୋସାଇଟିରୁ ଆଣି ନିଜେ କାର୍ପେଟ୍ ତିଆରି କରୁଥିଲେ । ଏହି ଉପକରଣ ଯୋଗାଇବାରେ ଉପରୋକ୍ତ ସଙ୍ଗଠନର ପ୍ରମୁଖ ଭୂମିକା ରହିଛି । ମହିଳା ସଂଘ ସଭ୍ୟା କେଶମଣି ରଇତ, ମଧୁସ୍ମିତା ଗମାଙ୍ଗ ଏବଂ ଏସ.ସ୍ୱିନୀ ରଇତ କହନ୍ତି, ଆମେ ବହୁତ କଷ୍ଟରେ ବଗଡରେ କାମ କରୁଥିଲୁ । ମାତ୍ର ବାର୍ଷିକ ଖାଦ୍ୟ ସୁରକ୍ଷା ପାଇପାରି ନ ଥିଲୁ । ବର୍ତ୍ତମାନ କାର୍ପେଟ ତିଆରି କରି ଆମେ ଏହାକୁ ବିକ୍ରି କରି ସ୍ୱାବଲମ୍ବୀ ହୋଇପାରୁଛୁ ବୋଲି ସ୍ୱିନୀ କହିଛନ୍ତି ।

# ପଥରଫଟା ଯୋଗୁ ଜନଜୀବନ ଅସୁରକ୍ଷିତ

## ଲିଜ୍ ବାତିଲ ପାଇଁ ଜିଲାପାଳଙ୍କୁ ନିବେଦନ



ଗ୍ରାମବାସୀ ସ୍ମାରକପତ୍ର ଦେବାକୁ ଯାଉଛନ୍ତି ।

ଛତ୍ରପୁର,୨୬।୯(ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲା ପୋଲସରା ତହସିଲ ଅଧୀନ ସୋଡକ ଗାଁ ନିକଟ ବନମାଳିପଲ୍ଲୀ ଅଞ୍ଚଳର ପାହାଡରେ କ୍ରଶର ରହିଛି । ପାହାଡ଼ରେ ପଥର ଫୁଟାଇବା ପାଇଁ ମାଇନିଂ ବିଭାଗ ପକ୍ଷରୁ ଲିଜ୍ ପ୍ରଦାନ କରାଯାଇଛି । ଗତ ୧୦ ବର୍ଷ ହେଲା ସେଠାରେ ବ୍ଲାଷ୍ଟିଂ କରି ପାହାଡରୁ ପଥର ବାହାର କରାଯାଉଛି । ଫଳରେ ବନ୍ୟପ୍ରାଣୀ, ମୟୂର, ପକ୍ଷୀମାନଙ୍କ କ୍ଷତି ହେବା ସହ ପରିବେଶ ସନ୍ତୁଳନ ବିଗିଡି ଚାଲିଥିବା ସୋଡକ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥିସହ ଘର, ମନ୍ଦିର ମଧ୍ୟ ଅସୁରକ୍ଷିତ ହୋଇପଡିଛି । ଏ ନେଇ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସେମାନେ କହିଛନ୍ତି । ତେଣୁ ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ଗୁରୁବାର ଛତ୍ରପୁର ଆସି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ଏହା ଉପରେ ପଦକ୍ଷେପ ନେବା ସହ ଉକ୍ତ ଲିଜ୍ ବାତିଲ କରିବାକୁ ନିବେଦନ କରିଛନ୍ତି । ଗତ ୩ ତାରିଖରେ ଜିଲାପାଳଙ୍କୁ ଏ ସମ୍ପର୍କରେ ଦାବି ପତ୍ର ଦିଆଯାଇଥିଲା । ଏଥିସହ ଖଣି ମନ୍ତ୍ରୀ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀଙ୍କୁ ଜଣାଇଥିବା ଗ୍ରାମବାସୀ କହିଛନ୍ତି ।

# ଗଜଲକ୍ଷ୍ମୀ ପୂଜା ଶୁଭଖୁଣ୍ଟି ସ୍ଥାପନ

ଜି.ଉଦୟଗିରି,୨୬।୯(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ପଦାସାହିରେ ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ଧୂମଧାମରେ ପାଳନ କରିବା ପାଇଁ ସ୍ଥିର ହୋଇଛି । ଏଥିପାଇଁ ପୂଜା ମଣ୍ଡପ ନିକଟରେ ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ପୁରୋହିତ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ ପୂଜାର୍ଚ୍ଚନା କରି ଶୁଭଖୁଣ୍ଟି ସ୍ଥାପନ କରିଥିଲେ । ଭାଗବତ ଆର୍ଜେଲି ଏବଂ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସନ୍ତୋଷ ବାଘ, ଦୁର୍ଗା ମାଧବ ପଟ୍ଟନାୟକ, ପ୍ରଭାତ ମହାପାତ୍ର, ହେମନ୍ତ ପ୍ରଧାନ, ଭାଗବତ ଆର୍ଜେଲି, ପଞ୍ଚୁ ପ୍ରଧାନ, ଶଙ୍କର ବାଘ, ପ୍ରଶାନ୍ତ ବଗର୍ତୀ, ବିବେକାନନ୍ଦ ପ୍ରଧାନ, ଯୋଗେନ୍ଦ୍ର ସାହୁ, ପ୍ରମୋଦ କୁମାର ସାହୁ, ପ୍ରକାଶ ନାୟକ, ଜିଲୁ ପ୍ରଧାନ, ରାଜେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସାହିବାସୀ ସହଯୋଗ କରିଥିଲେ ।

# ଦୃଷ୍ଟିବାଧିତ କାଳିଆଙ୍କୁ ମିଳିଲା ଭତ୍ତା

ନୂଆଗଡ,୨୬।୯(ଯୋଗ୍ୟବନ୍ତ ପରିଚ୍ଛା):

ଆର. ଉଦୟଗିରି ବ୍ଲକ ବସ୍ତ୍ରୀଗୁଡା ପଞ୍ଚାୟତ ଇନ୍ଦିରାବାସ କଲୋନୀର ଦୃଷ୍ଟିବାଧିତ କାଳିଆ ରଇତଙ୍କୁ ବିଦ୍ୟାଙ୍ଗ ଭତ୍ତା ମିଳିଛି । ୧୦ ମାସ ତଳେ ବିଲକୁ ଧାନ ଉଡାଇବାକୁ କୁଲି ମଜୁରୀ କରିବା ପାଇଁ ଯାଇଥିଲେ । ଧାନ ଉଡେଇବା ସମୟରେ ଧାନଉଡ଼ା ଯନ୍ତ୍ରର ପଙ୍ଖା ହଠାତ୍ ଖସିଯାଇ କାଳିଆଙ୍କ ଦୁଇ ଚକ୍ଷୁରେ ଆଘାତ ହୋଇଥିଲା । ଗ୍ରାମବାସୀ ତାଙ୍କୁ ଆର.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରୁ ଡାକ୍ତର ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । କାଳିଆଙ୍କ ୨ ଆଖି ନଷ୍ଟ ହୋଇଯାଇଥିବା ଡାକ୍ତର କହିଥିଲେ । ପରିବାରରେ କାଳିଆ ଜଣେ ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଥିଲା । କାଳିଆଙ୍କ



କାଳିଆ ରଇତ ।

ଭିନ୍ନକ୍ଷମ ପ୍ରମାଣ ପତ୍ର କରିବା ପାଇଁ ଗ୍ରାମବାସୀ ପାରଳାଖେମୁଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ । ଭିନ୍ନକ୍ଷମ ପ୍ରମାଣ ପତ୍ର ଥାଇ ବି ତାଙ୍କୁ ଭତ୍ତା ମିଳୁ ନ ଥିଲା । ଏ ନେଇ 'ଧରିତ୍ରୀ' ଖବର ପ୍ରକାଶ ପାଇବା ପରେ ତତ୍ପରତା ପ୍ରକାଶ ପାଇଥିଲା । ପଞ୍ଚାୟତ ଗ୍ରାମ ସେବକ ଏବଂ ବ୍ଲକ ଅଧିକାରୀ ତୁରନ୍ତ କାଳିଆଙ୍କ ଘରକୁ ଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ଦେଖି ଚଳିତ ମାସରେ ଭତ୍ତା ପ୍ରଦାନ କରିଥିଲେ ।

# ସରକାରୀ କର୍ମଚାରୀ ସମନ୍ୱୟ ସମିତିର ସ୍ମାରକପତ୍ର ପ୍ରଦାନ

ଛତ୍ରପୁର,୨୬।୯ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଓଡିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଗଞ୍ଜାମ ଜିଲା ଶାଖା ପକ୍ଷରୁ ୧୦ଦଫା ଦାବି ନେଇ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସେଥିରେ ସମସ୍ତ ଠିକା, ଆଉଟସୋର୍ସିଂ, ଡେଲିୱେଜ୍‌ମାନଙ୍କୁ ନିୟମିତ କରିବା, ସରକାରୀ ବିଭାଗରେ ଘରୋଇକରଣ ବନ୍ଦ କରିବା, ସମସ୍ତ ସରକାରୀ ବିଭାଗରେ ଖାଲିପଡିଥିବା ପଦବୀ ପୂରଣ, ପ୍ରତି ୫ବର୍ଷରେ ମଜୁରୀ ସଂଶୋଧନ, ସ୍ୱାସ୍ଥ୍ୟବୀମା ଲାଗୁ କରିବା, ଜାତୀୟ





ସରକାରୀ କର୍ମଚାରୀ ସମନ୍ୱୟ ସମିତି ପ୍ରତିବାଦ ଜଣାଉଛି ।

ଶିକ୍ଷାନୀତିକୁ ବାତିଲ କରିବା, ୩ନୂଆ ଆପରାଧିକ ଆଇନକୁ ରଦ୍ଦ କରିବା, ସାଂପ୍ରଦାୟିକତାବାଦ ବିରୋଧରେ ଲଢିବା, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସୁସମ୍ପର୍କ ରଖିବା ସହ ସଂଘୀୟ ସମନ୍ୱୟ, ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ କରିବାକୁ ଦାବି ଉଲ୍ଲେଖ କରାଯାଇଛି । ସ୍ମାରକପତ୍ର ପ୍ରଦାନ ବେଳେ ସଂଘ ସଭାପତି ପଦ୍ମ ଚରଣ ପାଢ଼ୀ, ସମ୍ପାଦକ ପ୍ରଦୀପ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଖରୀରେ ବୁଡ଼ି ଜଣେ ମୃତ

ଖଜୁରୀପଡ଼ା,୨୬।୯ ( ବିଦୁର ବେହେରା):

ଖଜୁରିପଡ଼ା ଥାନା ଅନ୍ତର୍ଗତ ଗୁଦାରୀ ଗାଁରେ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗାଁର ନିରଞ୍ଜନ କହଁର (୫୫) । ବୁଧବାର ନିରଞ୍ଜନ ଜମିକୁ ଧାନ ଜଗିବାକୁ ଯାଇଥିଲେ । ରାତି ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ସାହି ପଡିଶା ଓ ସମ୍ପର୍କୀୟଙ୍କୁ ପଚାରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା । ଗୁରୁବାର ସକାଳେ ଟିଟୁଲ ବନ୍ଧରେ ନିରଞ୍ଜନଙ୍କ ମୃତଦେହ ଭାସୁଥିବା ଦେଖି ତାଙ୍କ ଭାଇ ରମେଶ କହଁର ଅଗ୍ନିଶମ ବାହିନୀ ଓ ଖଜୁରୀପଡ଼ା ଥାନାରେ ଜଣାଇଥିଲେ । ଅଗ୍ନିଶମ ବାହିନୀ ଏବଂ ପୋଲିସ ପହଞ୍ଚି ମୃତଦେହ ବାହାର କରିଛନ୍ତି । ଏ ନେଇ ନଂ.୨୩/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର

ପାରଳାଖେମୁଣ୍ଡି,୨୬।୯ (ଗିରିଧାରୀ ପରିଚ୍ଛା)

ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଗଜପତି ଶାଖା ପକ୍ଷରୁ ଗୁରୁବାର ଜିଲାପାଳ ବିଜୟ କୁମାର ମିଶ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ନୂଆ ପେନସନ ଲାଗୁ ହେବା, ମାଗଣା ସ୍ୱାସ୍ଥ୍ୟ ସେବା, ବୟସ୍କଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ସମ୍ପର୍କରେ ସ୍ମାରକପତ୍ରରେ ଉଲ୍ଲେଖ ରହିଛି । ସ୍ମାରକପତ୍ର ପ୍ରଦାନ ସମୟରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଶିନୀ ପାଢ଼ୀ, ବିଚିତ୍ରାନନ୍ଦ ବେବର୍ତ୍ତା, ଏଙ୍କେଟି ପାତ୍ର, ସୁରେଶ ବେହେରା, ଅଶୋକ ଦାସ, ସୁରେଶ ଦାସ, ଗୋପାଳ ଅଧିକାରୀ, ସଚ୍ଚିଦାନନ୍ଦ ସାମଲ, କଇଳାସ ଗୌଡ଼, ସୁରେନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ ।

# ନାମନଗଡ଼-ପାରଳାଖେମୁଣ୍ଡି ମୁଖ୍ୟ ରାସ୍ତା ପରିଦର୍ଶନ କଲେ ବିଧାୟକ

ପାରଳାଖେମୁଣ୍ଡି/ଗୁମ୍ମା,୨୬।୯ (ଗିରିଧାରୀ ପରିଚ୍ଛା/ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକର ଉନ୍ନତି ପାଇଁ ସରକାର ପ୍ରୟାସ ଜାରି ରଖିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏହା ଅବହେଳିତ ହୋଇପଡିଛି । ଏହି ଅବହେଳା ପାଇଁ ନାମନଗଡ଼-ପାରଳାଖେମୁଣ୍ଡି ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଏହି ରାସ୍ତା ଉପରେ ଅଜୟଗଡ଼, ନାମନଗଡ଼, ଝାମି ପଞ୍ଚାୟତ ଓ ପାରଳାଖେମୁଣ୍ଡି ଉପଖଣ୍ଡ ଅଞ୍ଚଳବାସୀ ନିର୍ଭର କରନ୍ତି । ମାତ୍ର ବିଭାଗୀୟ ଅଧିକାରୀ ଅଞ୍ଚଳବାସୀଙ୍କ ଏହି ରାସ୍ତା ମରାମତି ନେଇ ଦାବି ପ୍ରତି ଅଣଦେଖା କରି ଆସୁଛନ୍ତି । ଏନେଇ ବ୍ଲକରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ରାସ୍ତା ପାଇଁ ଗ୍ରାମବାସୀ



ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ । ମାତ୍ର ସେତେବେଳେ ପ୍ରଶାସନ ଓ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀ ଭୋଟ ଦେଇଥିଲେ । ଏବେ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ବିଜୟୀ ହେବା ପରେ ପ୍ରତିଶ୍ରୁତି ରକ୍ଷା କରି ରାସ୍ତା ଅବସ୍ଥା ଅନୁଧ୍ୟାନ କରି ଗୁମ୍ମା ବିଡିଓ ଆକାଶ ପଣ୍ଡାଙ୍କ ସହ ଆଲୋଚନା କରିଛନ୍ତି । ଘଟଣାସ୍ଥଳ ପରିଦର୍ଶନ ସମୟରେ ମୁଖ୍ୟ ରାସ୍ତା ଉପରେ ପାଣି ଜମି ରହିବା ଦେଖି ବିଡିଓଙ୍କୁ ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇ ଏହା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ରାସ୍ତାର ଅବସ୍ଥା ସୁଧାରିବା ଲାଗି ବାରମ୍ବାର ଦାବି କରିବା ପରେ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ଯଦି କିଛି ଅଘଟଣ ଘଟେ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି ।

# ରାଜ୍ୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା: ପ୍ରିୟଙ୍କା ଶ୍ରେଷ୍ଠ ଅଭିନେତ୍ରୀ

## ଅନ୍‌ସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସଫଳତା

ଛତ୍ରପୁର,୨୬।୯ (ଦିଲ୍ଲୀପ ସାମଲ)

ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଆନୁକୂଲ୍ୟରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଅନ୍‌ସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସଫଳତା ମିଳିଛି । ପ୍ରତିଯୋଗିତାରେ ଟିମ୍ ଦ୍ୱିତୀୟ ସ୍ଥାନ ଅଧିକାର କରି ଭାରତୀୟ ପୂର୍ବାଞ୍ଚଳ ସ୍ତର ପାଇଁ ମନୋନୀତ ହୋଇଛି । ଟିମ୍ ଆସନ୍ତା ୩୦ରେ କୋଲକାତାରେ ହେବାକୁ



ଥିବା ଜାତୀୟ ସ୍ତର ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛି । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୫ଟି ଜୋନ୍‌ରୁ ଉତ୍ତୀର୍ଣ୍ଣ ହୋଇ ଆସିଥିବା ନାଟକ ଟିମ୍ ଅଂଶଗ୍ରହଣ କରିଥିଲେ । ଅନ୍‌ସ୍ଲୋର ଛାତ୍ରୀଛାତ୍ରମାନେ କୃତ୍ରିମ ବୁଦ୍ଧିମତ୍ତା ଉପରେ ନାଟକ ପରିବେଷଣ କରିଥିଲେ । ନାଟକରେ ଏଆଇ ରୋବର୍ଟ ଭୂମିକା ତୁଲାଉଥିବା ଛାତ୍ରୀ ପ୍ରିୟଙ୍କା ତିର୍କିଙ୍କୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ମିଳିଥିଲା । ବିଦ୍ୟାଳୟର ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଅଭିନେତ୍ରୀ ପ୍ରିୟଙ୍କା, ଛାତ୍ରୀଛାତ୍ରଙ୍କ ପରିଶ୍ରମ, ସେମାନଙ୍କ ଅଭିଭାବକଙ୍କ ସହଯୋଗ ଓ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଉଥିବା ଶିକ୍ଷୟିତ୍ରୀ ବ୍ଲେସି ପ୍ରଧାନ ଓ ଅଞ୍ଜନାଶ୍ରୀ ବାଡ଼ତ୍ୟାୟଙ୍କୁ ଶ୍ରେୟ ଦେଇଛନ୍ତି । ସେ ଛାତ୍ରୀଛାତ୍ରଙ୍କ ଆଗାମୀ ପୂର୍ବାଞ୍ଚଳ ସ୍ତର ପ୍ରତିଯୋଗିତାରେ ସଫଳତା କାମନା କରିଛନ୍ତି ।

# କେଏସ୍‌ୟୁବି କଲେଜ ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି

## ଅଧକ୍ଷଙ୍କ ସହ ଆଲୋଚନା କଲେ ପୂର୍ବତନ ଛାତ୍ର ସଂସଦ ସଭାପତି

ଭଞ୍ଜନଗର,୨୬।୯(ବାବୁଲା ପ୍ରଧାନ)

ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ରବିବାର ସେ ପୂର୍ବତନ ଛାତ୍ର ସଂସଦ ସଭାପତିମାନଙ୍କୁ ଡାକି ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ଗଠନ କରିଥିଲେ । ଏଥିରେ ପୂର୍ବତନ ଛାତ୍ର ସଂସଦ ସଭାପତି ସନ୍ତୋଷ ବେହେରା ସଭାପତି ନିର୍ବାଚିତ ହୋଇଥିଲେ । ପରେ ଉତ୍ସବ କିଭଳି ପାଳନ ହେବ ଆସନ୍ତା ୬ ତାରିଖରେ ପୁଣି ଏକ ବୈଠକ ହେବ । ଗୁରୁବାର ସନ୍ତୋଷଙ୍କ ନେତୃତ୍ୱରେ ପୂର୍ବତନ ଛାତ୍ରନେତା ସୁଧୀର ଦାସ, ଅମୂଲ୍ୟ ସାହୁ, ଛବିଲାଲ ପୃଷ୍ଟି, ସମୀର ନାୟକ, ଗିରିଜା ଶଙ୍କର ଭୂୟାଁ ପ୍ରମୁଖ ଅଧକ୍ଷ ରାଜେନ୍ଦ୍ର ଦାସଙ୍କୁ ଭେଟି ୩ ଦିନ ଧରି ହେବାକୁ ଥିବା ଉତ୍ସବ କିଭଳି ପାଳନ କରାଯିବ ସେ ନେଇ ଆଲୋଚନା କରିଛନ୍ତି । ପରେ ଅଧକ୍ଷ ଦାସ କହିଥିଲେ, ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଯୋଜନା ଥିଲା । ନାକ୍ ଟିମ୍ ପରିଦର୍ଶନ ପରେ ଉତ୍ସବ



କଲେଜ ଅଧକ୍ଷ ଏବଂ ଛାତ୍ରୀଛାତ୍ରମାନେ ।

ପାଳନ ହେବ ବୋଲି ଅଧକ୍ଷ ପ୍ରକାଶ କରିଥିଲେ । ଏହି ଖବର ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିବା ପରେ ସେମାନେ ଖୁସି ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ୧୯୬୦ରେ ଏହି ମହାବିଦ୍ୟାଳୟ ସ୍ଥାପନ ହୋଇଥିଲା । ୨୦୧୦ରେ ଏହାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଚାଲିଥିଲା । ଶେଷ ମୁହୂର୍ତ୍ତରେ କୌଣସି କାରଣରୁ ସୁବର୍ଣ୍ଣ ଜୟନ୍ତୀ ପାଳନ ହୋଇପାରି ନ ଥିଲା । ପରବର୍ତ୍ତୀ ସମୟରେ ନିର୍ବାଚିତ ଛାତ୍ର ପ୍ରତିନିଧିମାନେ ଆଉ ସୁବର୍ଣ୍ଣ ଜୟନ୍ତୀ ପାଳନ କରିପାରି ନ ଥିଲେ । ଦକ୍ଷିଣ ଓଡ଼ିଶାର ଏକ ପୁରାତନ ମହାବିଦ୍ୟାଳୟ ହେଉଛି ଏହି ମହାବିଦ୍ୟାଳୟ । ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଲାଲସିଂ ରାଉତ ପରିବାର ଏବଂ ଆଉ କିଛି ବଦାନ୍ୟ ବ୍ୟକ୍ତି ଜମିଦାନ କରିଥିଲେ । ଫଳରେ ୫୦ ଏକର ଜମି ଉପରେ ଏହି କଲେଜ ସ୍ଥାପନ ହୋଇଛି । ଆଇନଜୀବୀ ଶଶୀ ଭୂଷଣ ତିଆଡି, ଅର୍ଜୁନ ତ୍ରିପାଠୀ, ଲକ୍ଷ୍ମୀ ନାରାୟଣ ଦାସ, ପୂର୍ବତନ ବାଚସ୍ପତି ସୋମନାଥ ରଥ, ଉମାକାନ୍ତ ମିଶ୍ର, ରାମକୃଷ୍ଣ ଗୌଡ, ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରମୁଖ ବିଭିନ୍ନ ସମୟରେ ମହାବିଦ୍ୟାଳୟର ବିକାଶ ଲାଗି ଚେଷ୍ଟା କରିଛନ୍ତି । ମହାବିଦ୍ୟାଳୟର ଅନେକ ବିକାଶ ମଧ୍ୟ ହୋଇପାରିଛି ।

## ସଂକ୍ଷେପରେ

### ମା' ତାରିଣୀଙ୍କ ଜନ୍ମୋତ୍ସବ



ଛତିଆ, ୨୬।୯ (ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତର ଅମରାବତୀ ପାଟଣା ଗ୍ରାମରେ ବିରାଜିତ ମା'ତାରିଣୀଙ୍କ ୨୦ତମ ଜନ୍ମଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ନାମ ସଙ୍କୀର୍ତ୍ତନ ସହ ପଣ୍ଡିତଙ୍କ ଦ୍ୱାରା କଳସ ସ୍ଥାପନା, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋପୂଜା ଆଦି ବିଧି ଅନୁଯାୟୀ ମା'ଙ୍କ ବିଭିନ୍ନ ପୂଜା କରାଯାଇଥିଲା। ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା। କର୍ତ୍ତାଭାବେ ରମାକାନ୍ତ ବିଶ୍ୱାଳ କାର୍ଯ୍ୟ ତୁଲାଇଥିଲେ। ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଖେଳ ଶିକ୍ଷକଙ୍କ ଅକାଳ ବିୟୋଗ

ଝୁମ୍ପୁରୀ, ୨୬।୯ (ସରୋଜ ନାୟକ): ଦଶରଥପୁର ବ୍ଲକ୍ ବିରିପଟା ପଞ୍ଚାୟତସ୍ଥ ବଡ଼କୁଆଁଲ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଗଙ୍ଗାଧର ସାହାଣୀଙ୍କ ଅକାଳ ବିୟୋଗ ହୋଇଛି। ବୁଧବାର ରାତିରେ ହୃଦ୍‌ଘାତ ହେବାରୁ ପରିବାର ଲୋକେ ତାଙ୍କୁ ଯାଜପୁର ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ତାଙ୍କ ମରଶରୀରକୁ ଉଚ୍ଚ ବିଦ୍ୟାଳୟ ପରିସରକୁ ନିଆଯାଇଥିବାବେଳେ ସେଠାରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପରେ ପ୍ରଧାନଶିକ୍ଷକ ବିପିନ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା କରାଯାଇଥିଲା। ଏଥିରେ ଓଷ୍ଟା ଜିଲା କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ତ୍ରିପାଠୀ, ସଂଘର ବ୍ଲକ୍ ସଭାପତି ଶ୍ରୀକାନ୍ତ ସାହୁ, ବିଦ୍ୟାଳୟ ଶିକ୍ଷକ ଦୁଷ୍ମନ୍ତ କୁମାର ଦାସ, ଶ୍ରୀକାନ୍ତ ଘଡ଼େଇ, ଚାରବାଟିଆ ଟୋଲ ସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିରିପଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷକ ସାହାଣୀଙ୍କ ସ୍ମୃତିଚାରଣ କରିଥିଲେ।

### ପାଣିକୋଇଲିରେ ଦୁର୍ଗାପୂଜା ପାଇଁ ମାଟି ଉଠାଣ

ପାଣିକୋଇଲି, ୨୬।୯ (ବିକାଶ ମଲ୍ଲିକ): ପାଣିକୋଇଲି ଦୁର୍ଗା ମାର୍କେଟ ପକ୍ଷରୁ ଚଳିତ ବର୍ଷ ଦୁର୍ଗାପୂଜା ପାଇଁ ମାଟି ଉଠାଣ କରାଯାଇଛି। କର୍ତ୍ତାଭାବେ ଅନିରୁଦ୍ଧ ସ୍ୱାଇଁ କାର୍ଯ ସମ୍ପାଦନା କରିଥିବାବେଳେ ପୂଜକ ଭାବେ ରବି ନାରାୟଣ ପଣ୍ଡା ଯୋଗଦେଇଥିଲେ। ଦୁର୍ଗା ମାର୍କେଟର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଲଗାଣ ବର୍ଷାରେ ଭିଜିଲା ଧାନ ଫସଲ

- ଚିନ୍ତାରେ ଚାଷୀ
- ଅମଳ ଧାନ ଶୁଖୁନାହିଁ
- ମିଲର ଶୋଷଣ କରୁଛନ୍ତି

ଯାଜପୁର ସଦର, ୨୬।୯ (ସମର ବିଜୟ ଶରଣ):



ଯାଜପୁର ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଧାନ ପରେ ବାଦାମ୍ ଓ ପନିପରିବା ଚାଷ କରି ଗୁଜରାଣ ମେଣ୍ଟାନ୍ତି। ମାତ୍ର ଗତ ୩ ଦିନ ଧରି ଲଗାଣ ବର୍ଷା ଯୋଗୁ ଧାନ ଫସଲରେ ପାଣି ଭର୍ତ୍ତି ହୋଇ ରହିଛି। ଆହୁରି ଦୁଇଦିନ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି ହୋଇଛି। ଏଥିପାଇଁ ସହଳ କିସମ ଧାନ ଚାଷ କରିଥିବା ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଲଗାଣ ବର୍ଷା ଯୋଗୁ ବହୁ ଧାନ ବିଲରେ ପାଣି ପଶିଛି। ଧାନ ସବୁ ଭାସିଲାଣି। ପାଚିଲା ଧାନ ପାଣିରେ ବୁଡ଼ିଥିବା ଦେଖି ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ଅଧିକ ବର୍ଷା ହେଲେ ପ୍ରାୟ ସବୁ ଜମିର ଧାନ ପାଣିରେ ବୁଡ଼ିଯିବ।

ଚାଷୀଙ୍କ କହିବା ଅନୁଯାୟୀ, ପାଟ ଭିତରକୁ ଏବେ ପଶି ହେଉନାହିଁ। ଧାନଗଛର ବେକଯାଏ ପାଣିଲାଗିଛି। ଯଦି ଦିନେ ଦୁଇଦିନ ମଧ୍ୟରେ ପାଣି ନ କମେ ତା'ହେଲେ ବିଓଳି ଧାନ ଗଜା ହୋଇଯିବ। ସେହିପରି ଯେଉଁ କେତେଜଣ ହାତଗଣତା ଚାଷୀ ଆଗୁଆ କଞ୍ଚା ଧାନ ମେସିନରେ କାଟି ଦେଇଛନ୍ତି ସେମାନେ ଧାନକୁ ଶୁଖାଇ ପାରୁନାହାନ୍ତି କି ହାତରେ କାଟିଥିବା ଚାଷୀ ବିଲରୁ ଧାନ ଉଠାଇ ପାରୁନାହାନ୍ତି।

ଅପରପକ୍ଷରେ ବର୍ଷା ପୂର୍ବରୁ ଯେଉଁ କେତେଜଣ ଚାଷୀଧାନ ଅମଳ କରିଥିଲେ ସେମାନେ ମିଲ ମାଲିକମାନଙ୍କ ଶୋଷଣର ଶିକାର ହେଉଛନ୍ତି। ଖରା ନ ଥିବାରୁ ଅମଳ ଧାନକୁ ଶୁଖାଇବା ସମ୍ଭବ ହେଉନାହିଁ। ବାଧ୍ୟ ହୋଇ ଚାଷୀ ଏହାକୁ ବିକ୍ରି କରିବାକୁ ମିଲ୍‌କୁ ନେଉଛନ୍ତି। ଏଭଳି ଅସୁବିଧା ସମୟରେ ମିଲ ମାଲିକ ବିଓଳି ଧାନ କୁଇଣ୍ଟାଲକୁ ମାତ୍ର ୧୫୦୦ ଟଙ୍କା ଦେଉଛନ୍ତି। ସରକାର ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କା ଘୋଷଣା କରିଥିବାବେଳେ ମିଲ୍‌ରେ ଚାଷୀଙ୍କୁ ହଇରାଣ କରୁଛନ୍ତି। କିଛି କହିଲେ ଧାନ ଫେରାଇ ନେବାକୁ ମିଲ ମାଲିକ ଧମକ ଦେଉଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସରକାରୀ ମଣ୍ଡି ଖୋଲି ନ ଥିବାରୁ ଏପରି ସମସ୍ୟା ହେଉଛି। ଗତବର୍ଷ ଧାନର ସରକାରୀ ମୂଲ୍ୟ ୨୨୦୦ ଟଙ୍କା ଥିବାବେଳେ କଞ୍ଚାଧାନକୁ ମିଲ ମାଲିକ ୧୭୦୦ ଟଙ୍କାରେ କିଣିଥିଲେ। ଏବେ କମ ଦରରେ ଧାନ ବିକ୍ରି କରି ଚାଷୀ ଆର୍ଥିକ କ୍ଷତି ସହୁଛନ୍ତି। ଜିଲା ପ୍ରଶାସନ ଓ କୃଷି ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

# ପୁରୁଣା ପେନ୍‌ସନ ଲାଗୁ ଦାବି

ଧର୍ମଶାଳା, ୨୬।୯ (ବଟକୃଷ୍ଣ ପରିଡ଼ା): ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ଗୁରୁବାର ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ପୁରୁଣା ପେନସନ (ଓପିଏସ) ଲାଗୁ ପାଇଁ ଦାବି ହୋଇଛି। ଏନେଇ ଧର୍ମଶାଳା ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀମାନେ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିରରୁ ବାହାରି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଆଶାତରୁ ନାୟକ, ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ରାଜ୍ୟ ଜୋନାଲ ସମ୍ପାଦକ ବିବେକାନନ୍ଦ ନାୟକ, ଉପସଭାପତି ବିଜୟ କୁମାର ମିଶ୍ର, ସଭ୍ୟ ରମାକାନ୍ତ ଜେନା, ପୀତବାସ ପାତ୍ର, ବଟକୃଷ୍ଣ ସାହୁ, ଅଜୟ କୁମାର ବରାଳ, ବିରଞ୍ଚି କୁମାର ସ୍ୱାଇଁ, ଅଭିରାମ ନନ୍ଦ, ବ୍ରଜକିଶୋର ଦାଶ, ସତ୍ୟାନନ୍ଦ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ମା' ବିରଜାଙ୍କ ଷୋଡ଼ଶ ପୂଜା ଆରମ୍ଭ



ମା' ବିରଜାଙ୍କ ପୂଜାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ।

ଯାଜପୁରରୋଡ୍, ୨୬।୯ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗରସ୍ଥିତ ବିରଜାନଗରରେ ଥିବା ବିରଜା ମନ୍ଦିରରେ ମା'ଙ୍କ ଷୋଡ଼ଶ ଦିବସୀୟ ପୂଜା ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଧବଳଗିରି ସ୍ଥିତ ପଞ୍ଚମୁଖୀ ହନୁମାନ ନିକଟ ପୁଷ୍କରିଣୀରୁ ବିଦ୍ଧି ମୁତାବକ ପୂଜାପାଠ ପରେ ସଂକଳ୍ପ କରାଯାଇ କଳସ ଯାତ୍ରା ଆରମ୍ଭ ହୋଇଥିଲା। ଉଭୟ ମହିଳା ଏବଂ ପୁରୁଷ ଭକ୍ତମାନେ କଳସଯାତ୍ରାରେ ସାମିଲ ହୋଇ ରୋଷଣି କରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ଏହି ପୂଜା ଆସନ୍ତା ଅକ୍ଟୋବର ୧୨ ତାରିଖ ଯାଏ ଚାଲୁରହିବ। ପ୍ରତ୍ୟେକ ଦିନ ସକାଳ ୮ଟାରୁ ମା'ଙ୍କ ରୀତିନୀତି ଆରମ୍ଭ ହୋଇ ରାତ୍ର ୧ଟା। ପର୍ଯ୍ୟନ୍ତ ଚାଲୁରହିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ନିତ୍ୟାନନ୍ଦ ମହାଳିକ, ସାଧାରଣ ସମ୍ପାଦକ ପ୍ରଫୁଲ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ପାଢ଼ୀ, ସହସମ୍ପାଦକ ଭାଗ୍ୟଧର ମହାରଣା, ଉପଦେଷ୍ଟା ନିରଞ୍ଜନ ବିଶ୍ୱାଳ, ବିଜୟ କୁମାର ବରାଳ, କାମଦେବ ଦାସ, ପ୍ରକାଶ କୁଅଁର, ନିରଞ୍ଜନ ମଲ୍ଲିକ, ସୁରେନ୍ଦ୍ର ନାଏକ, କୋଷାଧ୍ୟକ୍ଷ ରମେଶ କାଣ୍ଡି, ଦିଲୀପ କୁମାର ମହାନ୍ତି, ପ୍ରକାଶ ସାହୁ, ଦିବ୍ୟାଂଶୁ ମହାନ୍ତି, ବିଶ୍ୱରଞ୍ଜନ ମଲିକ, ଧନେଶ୍ୱର ଦାସ, ଶ୍ରୀମନ୍ତ କୁମାର ସାହୁ, ନୀତି ସଂଯୋଜକ ବୀରକିଶୋର ସାହୁ, ସ୍ମୃତିରଞ୍ଜନ ପଣ୍ଡା, ବିମାନ ଆଇଚ ଓ ସୁନିଲ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି।

# ଯାଜପୁର ପୌରପାଳିକା ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

ଯାଜପୁର ଟାଉନ, ୨୬।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ତଥା ଆଇନଜୀବୀ ଦ୍ୱାରିକାନାଥ ମହାନ୍ତି (୯୨)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ୨ବର୍ଷ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମହାନ୍ତି ପୌରପାଳିକାରେ ୧୯୬୯ରୁ ୧୯୭୪ ପର୍ଯ୍ୟନ୍ତ ଅଧ୍ୟକ୍ଷ ଥିଲେ। ତାଙ୍କ ସମୟରେ ଯାଜପୁରରେ ଅନେକ କାର୍ଯ୍ୟ ହୋଇଥିଲା। ସେ କଂଗ୍ରେସର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା ଥିଲେ। ୧୫ବର୍ଷ କାଳ ସେ ସରକାରୀ ଓକିଲ ଭାବେ ଯାଜପୁର କୋର୍ଟରେ କାର୍ଯ୍ୟ କରିଥିଲେ। ଜଣେ



ପରୋପକାରୀ, ବିଷ୍ଟଭାଷୀ, ମେଳାପୀ ବ୍ୟକ୍ତିଥିଲେ। ମହାନ୍ତିଙ୍କ ବିୟୋଗ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ବିୟୋଗରେ ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ପୌର ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ଜିଲା ଭାଜପା ସଭାପତି ଗୌତମ ରାୟ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ପୂର୍ବତନ ପୌର ପରିଷଦ ଚେୟାରମ୍ୟାନ ଭବପ୍ରସାଦ ଦାସ, ଭାଜପା ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ମରଶରୀରକୁ ଏକ ଶୋଭାଯାତ୍ରାରେ ଦଶାଶ୍ୱମେଧ ଘାଟକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଛି।

# ଅଭିଯୋଗ ରଖୁନି କୁଆଖିଆ ପୋଲିସ

## ଏସ୍‌ପିଙ୍କ ଦ୍ୱାରସ୍ଥ ଅଭିଯୋଗକାରୀ

ପାଣିକୋଇଲି, ୨୬।୯ (ବିକାଶ ମଲ୍ଲିକ): ଜଣେ ମହିଳା ଓ ତାଙ୍କ ପରିବାର ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ସେମାନେ କୁଆଖିଆ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ ମଧ୍ୟ ପୋଲିସ ଅଭିଯୋଗ ରଖିବା ପରିବର୍ତ୍ତେ ଗାଳିଗୁଲଜ କରିବା ସହ ଧମକ ଦେଉଛି। ତେଣୁ ଅଭିଯୋଗକାରୀଙ୍କ ପରିବାର ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ନ୍ୟାୟ ଭିକ୍ଷା କରିଛନ୍ତି।

କୁଆଖିଆ ଥାନା ନରସିଂହପୁର ଗ୍ରାମର ରାମଚନ୍ଦ୍ର ସାହୁଙ୍କ ସ୍ତ୍ରୀ ସୁକାନ୍ତି ସାହୁଙ୍କ ଅଭିଯୋଗ ମୁତାବକ, ଗତ ୨୪ ତାରିଖରେ ସେ ତାଙ୍କ ତଳବାଡି ନଳକୂପରୁ ପାଣି ଆଣୁଥିବାବେଳେ ଗ୍ରାମର ବିଜୟ ସାହୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ଅଜୟ ସାହୁ ପହଞ୍ଚିବାରୁ ଉଭୟ ମିଶି ସୁକାନ୍ତିଙ୍କୁ ମାରଧର କରିଥିଲେ। ସୁକାନ୍ତିଙ୍କ ପାଟି ଶୁଣି ସ୍ୱାମୀ ରାମଚନ୍ଦ୍ର ସେଠାରେ ପହଞ୍ଚିଥିଲେ। ଏହାପରେ ଅଭିଯୁକ୍ତମାନେ ରାମଚନ୍ଦ୍ରଙ୍କୁ ବାଡ଼େଇ ତାଙ୍କ ହାତ ଭାଙ୍ଗିଦେବା ସହ ବିଭିନ୍ନ ସ୍ଥାନରେ କ୍ଷତାକ୍ତ କରିଥିଲେ। ରାମଚନ୍ଦ୍ରଙ୍କ ପୁଅ ଅନୁପ ପହଞ୍ଚିବାରୁ ତାଙ୍କ ମୁଣ୍ଡକୁ ମଧ୍ୟ ଅଭିଯୁକ୍ତମାନେ ବାଡ଼େଇ ଫଟାଇ ଦେଇଥିଲେ। ସେମାନେ ଭୟଭୀତ ହୋଇ ଘରେ ପଶି ଯିବାରୁ ଅଭିଯୁକ୍ତମାନେ ପଦାରୁ ଚାବି ପକାଇ ଗାଳିଦେବା ସହ ଜୀବନରୁ ମାରଦେବାକୁ ଧମକ ଦେଇଥିଲେ। ସୁକାନ୍ତିଙ୍କ ଭାଇ ନିରଞ୍ଜନ ଆସିରୁ ଅଭିଯୁକ୍ତ ତାଙ୍କୁ ମଧ୍ୟ ଗାଳି ଦେଇ ତାଙ୍କ ମୋବାଇଲ ଭାଙ୍ଗି ଦେଇଥିଲେ। ଏନେଇ ୨୬ ତାରିଖରେ ସୁକାନ୍ତି କୁଆଖିଆ ଥାନାରେ ପହଞ୍ଚି ଅଭିଯୋଗ ପତ୍ର ଦେଇଥିଲେ। ମାତ୍ର ପୋଲିସ ଅଭିଯୋଗ ରଖି ନ ଥିଲା। ଏନେଇ କୁଆଖିଆ ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।




ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଅଭିଯୋଗକାରୀ।

# ଆଧାର ସେବା, ସଚେତନତା କାର୍ଯ୍ୟକ୍ରମ

ଝୁମ୍ପୁରୀ, ୨୬।୯ (ସରୋଜ ନାୟକ): ଦଶରଥପୁର ବ୍ଲକ୍ ପାଲଟପୁର ପଞ୍ଚାୟତ କାର୍ଯ୍ୟାଳୟରେ ପାଲଟପୁର ସରପଞ୍ଚଙ୍କ ସହାୟତାରେ ପୋଷ୍ଟାଲ ପକ୍ଷରୁ ମୁକ୍ତ ଆଧାର ସେବା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପାଲଟପୁର ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତର ଶତାଧିକ ଲୋକ ଯୋଗଦେଇ ଆଧାର କାର୍ଡରେ ମୋବାଇଲ ନମ୍ବର ସଂଯୋଗ କରିବା ସହ ନୂତନ ପୋଷ୍ଟାଲ ଖାତାରେ ଆଧାର ନମ୍ବର ସଂଯୋଗ କରିଥିଲେ। ଯାଜପୁର ମୁଖ୍ୟ ପୋଷ୍ଟାଲର ବିଇ ଅମୀୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ଶୁଭ୍ରକାଶ ନାୟକ, ଆଇପିପିବି ସିନିୟର ମ୍ୟାନେଜର ଚିନ୍ତାମଣି ପାଗଳ, ଏଏସ୍‌ପି ହରିଶଙ୍କର ସୁବୁଧି, ଆଇପିପିବି ମ୍ୟାନେଜର ବିଟନ ଅରି, ଓଭରସିଅର ବିକାଶ ଜେନା, ଖବରଦାତା ଚନ୍ଦ୍ରଶେଖର ସାହୁ ଓ ପୋଷ୍ଟମାଷ୍ଟର ହେମନ୍ତ ରାୟ ପ୍ରମୁଖ ଯୋଗଦେଇଥିଲେ। ଅସହାୟଙ୍କ ଘରେ ପୋଷ୍ଟାଲ ସେବା ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ରହିଛି ବୋଲି ଲୋକଙ୍କୁ ଅବଗତ କରାଯାଇଥିଲା।

# କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

## ୬ ମାସ ହେଲା ମିଳୁନି ଦରମା

ରସୁଲପୁର, ୨୬।୯ (ରଂଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତରେ କାର୍ଯ୍ୟରତ ୩ କମ୍ୟୁନିଟ୍ ସପୋର୍ଟ ଷ୍ଟାଫ୍ (ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର) ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କୁ ୬ମାସ ହେଲା ପାରିଶ୍ରମିକ ମିଳୁ ନ ଥିବାରୁ ସେମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିବା ସୂଚନା ଦେଇଛନ୍ତି। ଏନେଇ ସେମାନେ ରସୁଲପୁର ବିଡିଓଙ୍କ ଜରିଆରେ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥି ସହିତ ଓଡ଼ିଶା ଜୀବିକା ମିଶନ ବିପିଏମ, ମିଶନ ଶକ୍ତି ବିପିସି, ଯାଜପୁର ଜିଲାପାଳ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ, ମିଶନଶକ୍ତି ବିଭାଗର କମିଶନର, ବିଭାଗୀୟ ମନ୍ତ୍ରୀ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କୁ ସେମାନଙ୍କ ଦାବିପତ୍ର ପ୍ରଦାନ କରିଛନ୍ତି। ବକେୟା ଦରମା ପ୍ରଦାନ ସହ ଅନନ୍ୟ ସମସ୍ୟାର ସ୍ଥାୟୀ ସମାଧାନ କରା ନ ଯିବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।



ବିଡିଓଙ୍କୁ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଜଳବାୟୁ ଅନୁକୂଳ କୃଷି ଅଭ୍ୟାସ ଉପରେ କର୍ମଶାଳା




ଟାଟା ଷ୍ଟିଲ ଫାଉଣ୍ଡେଶନ ଅନୁଷ୍ଠିତ କର୍ମଶାଳାରେ ଯୋଗଦେଇଥିବା ଅଧିକାରୀ ଏବଂ ଚାଷୀମାନେ।

## ସାମିଲ ହେଲେ ସୁକିନ୍ଦା, ବ୍ରାହ୍ମଣୀପାଳ ଓ କଳିଙ୍ଗନଗରର ୨୦୦ରୁ ଅଧିକ ଚାଷୀ

କାଳିଆପାଣି, ୨୬।୯ (ଅସିତ ମହାନ୍ତ): ଜଳବାୟୁ ଅନୁକୂଳ କୃଷି ଅଭ୍ୟାସ ଉପରେ ସ୍ଥାନୀୟ ଚାଷୀମାନଙ୍କୁ ଅବଗତ କରାଇବା ପାଇଁ ଟାଟା ଷ୍ଟିଲ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପକ୍ଷରୁ ଗୁରୁବାର ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ଟାଟାଷ୍ଟିଲ ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏମ୍‌ଡି)ର ସୁକିନ୍ଦା କ୍ରୋମାଇଟ ଖଣି ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁକିନ୍ଦା, ବ୍ରାହ୍ମଣୀପାଳ ଓ କଳିଙ୍ଗନଗର ଅଞ୍ଚଳର ୨୦୦ରୁ ଅଧିକ ଚାଷୀ ଅଂଶଗ୍ରହଣ କରିଥିଲେ। ଏଫ୍‌ଏମ୍‌ଡିର ଖଣି ମୁଖ୍ୟ ଶମ୍ଭୁନାଥ ଝା କର୍ମଶାଳାକୁ ଉଦ୍‌ଘାଟନ କରି ଚାଷୀଙ୍କୁ ଜଳବାୟୁ ଉପଯୋଗୀ କୃଷି ଅଭ୍ୟାସ ଉପରେ ସଚେତନ କରାଇବା ସହ ଉର୍ବର ମୃତ୍ତିକା, ଜଳ ସଂରକ୍ଷଣ ଓ ଫସଲର ବିବିଧକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷି ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ଡ. ଅଂଶୁମାନ ପଟ୍ଟନାୟକ ବକ୍ତାଭାବେ ଯୋଗଦେଇ ଜଳବାୟୁ ଉପଯୋଗୀ ଜଳସେଚନ ବ୍ୟବସ୍ଥା, ଜଳ ସଂରକ୍ଷଣ ଓ ଫସଲର ବିବିଧକରଣ ଏବଂ ଜୈବିକ କୃଷିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଫର ୱିମେନ ଇନ ଏଗ୍ରିକଲ୍‌ଚର, ଇଣ୍ଡିଆନ କାଉନସିଲ ଅଫ ଏଗ୍ରିକଲଚରାଲ ରିସର୍ଚ ଭୁବନେଶ୍ୱରର ବୈଜ୍ଞାନିକ ଡ. ବିଶ୍ୱନାଥ ସାହୁ ଅନ୍ୟତମ ବକ୍ତାଭାବେ ଯୋଗଦେଇ ବିବିଧ ଚାଷ ତଥା ପ୍ରାଣୀସମ୍ପଦ ଓ ଆନୁଷଙ୍ଗିକ ଚାଷ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିହେବ ବୋଲି କହିଥିଲେ। ଫେରୋ ଆଲଏଜ ଓ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଥିଲେ, ଏହି କର୍ମଶାଳା ଜରିଆରେ ପରିବର୍ତ୍ତିତ ପରିବେଶ ସ୍ଥିତିକୁ ଗ୍ରହଣ କରିବା ସହିତ ଦୀର୍ଘସ୍ଥାୟୀ ଜୀବିକା ବଜାୟ ରଖିବା ଲାଗି ଆମେ ଚାଷୀଙ୍କୁ ଆବଶ୍ୟକ ଜ୍ଞାନ ଓ ଦକ୍ଷତା ଜରିଆରେ ସଶକ୍ତ କରିବାକୁ ଚାହୁଁଛୁ। ଆମର ଲକ୍ଷ୍ୟ ହେଉଛି ଚାଷୀଙ୍କୁ ଜଳବାୟୁ ଉପଯୋଗୀ କୃଷି ଅଭ୍ୟାସ ସକାରାତ୍ମକ ଭାବେ ଅଗ୍ରସର କରାଇବା। କର୍ମଶାଳାରେ ଚାଷୀ ଓ କୃଷି ବିଶେଷଜ୍ଞମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷଭାବେ ପରିବେଶ ସୁରକ୍ଷା ସମ୍ବନ୍ଧରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଫାଉଣ୍ଡେଶନର ସୁକିନ୍ଦା ୟୁନିଟ ମୁଖ୍ୟ ଡା. ଜୟନ୍ତ କୁମାର ତ୍ରିପାଠୀ, ଏଫ୍‌ଏମ୍‌ଡି ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର ଓ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

# ହୋମିଓପାଥିକ ଚିକିତ୍ସାଳୟ ଅଧିକାଂଶ ଦିନ ବନ୍ଦ

## ଚିକିତ୍ସା ସୁବିଧା ନ ପାଇ ଫେରୁଛନ୍ତି ରୋଗୀ


ହୋମିଓପାଥିକ୍ ଡାକ୍ତରଖାନା ବନ୍ଦ ପଡ଼ିଛି ।

**ମହାକାଳପଡ଼ା,୨୬।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତ ଜଗରିଜୋର ହାଟ ଶ୍ୟାମାକାଳୀ ମନ୍ଦିର ସଂଲଗ୍ନ ହୋମିଓପାଥିକ ଚିକିତ୍ସାଳୟ ବନ୍ଦ ପଡିଛି । ସ୍ଥାନୀୟ ଲୋକମାନଙ୍କୁ ହୋମିଓପାଥିକ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ୭୦ଦଶକରେ ଏହି ଚିକିତ୍ସାଳୟ ଖୋଲାଯାଇଥିଲା । ରାଜ୍ୟ ସରକାର ଜଣେ ହୋମିଓପାଥିକ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିଲେ। ହେଲେ ସମ୍ପୃକ୍ତ ଡାକ୍ତର ମାସକରେ ଦିନେ ଦୁଇ ଦିନ ଆସୁଛନ୍ତି । ଦିନକୁ ଘଣ୍ଟାଏ ଖୋଲି ଡାକ୍ତରଖାନା ବନ୍ଦ କରି ଚାଲି ଯାଉଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ରୋଗୀମାନେ ଘରୋଇ ଡାକ୍ତର , ଗାଁ କ୍ୱାକ ଓ ବୈଦଙ୍କ ପାଖରେ ଚିକିତ୍ସିତ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏ ସଂକ୍ରାନ୍ତରେ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ ଓ ହାଟ କମିଟି କର୍ମକର୍ତ୍ତା।

ଅପରପକ୍ଷେ ଏହି ହାଟଠାରେ କିଛି ବର୍ଷ ତଳେ ନୂଆ ମେଡିକାଲ ପାଇଁ ଗୃହ ନିର୍ମାଣ ଆରମ୍ଭ ହୋଇଥିଲା । ହେଲେ ତାହା ଅର୍ଦ୍ଧନିର୍ମିତ ଅବସ୍ଥାରେ ଗଛଲତା ମାଡ଼ି ପଡ଼ି ରହିଛି। ଦାୟିତ୍ୱରେ ଥିବା ମହିଳା ଡାକ୍ତର ରାଜନଗରରେ ରହୁଛନ୍ତି । ସେ ମାସକରେ ଥରେ ଦୁଇଥର ଆସି ଡାକ୍ତରଖାନା ଖୋଲୁଛନ୍ତି । ଡାକ୍ତରଖାନାରେ କିଛି ଘଣ୍ଟା ରହି ଚାବି ପକାଇ ଚାଲି ଯାଉଛନ୍ତି ବୋଲି ସୁନିତି ଓ ବେଣାକନ୍ଧା ଅଞ୍ଚଳ ସୁଲୋଚନା ମଣ୍ଡଳ, ସୀତାରାଣୀ ଗିରି , ଦେବକୀ ମଣ୍ଡଳ , କାଜଲ ମଣ୍ଡଳ , ମିନତୀ ପ୍ରଧାନ , ଯଶୋଦା ମଣ୍ଡଳ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ.ନିରଞ୍ଜନ କର କହିଛନ୍ତି, ଜଗରିଜୋର ହାଟରେ ଥିବା ହୋମିଓପାଥିକ ମେଡ଼ିକାଲ କେନ୍ଦ୍ରାପଡ଼ା ଜିଲା ନିୟନ୍ତ୍ରଣରେ ନାହିଁ। ଏହି ମେଡ଼ିକାଲ ଯାଜପୁର ଜିଲା ଅଧୀନରେ ଅଛି । ସେଥିପାଇଁ ଆମେ ସେ ସମ୍ପର୍କରେ ମତମତା ଦେବା ଠିକ୍ ହେବ ନାହିଁ।

# କଷଣଅଷ୍ଟା ହାଇସ୍କୁଲରେ ଆଇନ ସଚେତନତା ଶିବିର



ଶିବିରରେ ଯୋଗଦେଇଥିବା ଅତିଥି।

**ପଟ୍ଟାମୁଣ୍ଡାଇ,୨୬।୯(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ତାଲୁକ ଆଇନସେବା ସମିତି ପକ୍ଷରୁ ପୋକ୍ସୋ ଆଇନ ଉପରେ ଏକ ସଚେତନତା ଶିବିର ଗୁରୁବାର କଷଣଅଷ୍ଟା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ବର୍ଷରୁ କମ୍ ବୟସର ପିଲାମାନେ ଶୋଷଣର, ଅସୁବିଧାର ସମ୍ମୁଖିନ ହେଉଥିବାବେଳେ ତାହାର ସମାଧାନ ଓ ସହାୟତା ସମ୍ପର୍କରେ ଆଲୋଚନା ହୋଇଥିଲା। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ତଥା ସିନିୟର ସିଭିଲ ଜଜ୍ ସୁଶ୍ରୀ ସଙ୍ଗୀତା ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ଶିବିରରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ଜେଏମ୍ଏଫ୍ସି, ତଥା ସିଭିଲ ଜର୍ଜ ବିଦ୍ୟୁତଲତା ପ୍ରଧାନ ପୋସ୍କୋ ଆକ୍ଟ ବିଷୟରେ ପିଲାମାନଙ୍କୁ ସଚେତନ କରିଥିଲେ। ଏଥିରେ ବରିଷ୍ଠ ଆଇନୀଜୀବୀ ଭବାନୀ ଶଙ୍କର ପଣ୍ଡା, ଆଇନଜୀବୀ ସୁରେଶ ନରେନ୍ଦ୍ର , ସୁମନ୍ତ ମାଝି, ଧୀରେନ୍ଦ୍ର ନାଥ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ସଚିନ୍ଦ୍ର କୁମାର ବେହେରା, ଲିଗାଲ ଏଡର କର୍ମକର୍ତ୍ତା ଅପର୍ଣ୍ଣା ସାମଲ, ମୋହନ ଦାଶ, ପିଏଲଭି ସଭ୍ୟ ଅମରେନ୍ଦ୍ର ରାଉତ, ସଭ୍ୟା ବବିତା ମଲିକ, ରଞ୍ଜିତା ଜେନାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ପ୍ରଧାନ ଶିକ୍ଷକ ସୁମନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ସାପକାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ଡେରାବିଶ, ୨୬।୯(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ଥାନା ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମରେ ଗୁରୁବାର ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନରସିଂହପୁର ଗାଁର ଅରୁଣ କୁମାର ବେହେରା (୪୪)। ବୁଧବାର ରାତିରେ ଶୋଇଥିବା ସମୟରେ ଭୋରୁ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସାପଟି କାମୁଡ଼ି ଦେବା ପରେ ଅରୁଣ ଉଠି ପଡ଼ିଥିଲେ। ତାଙ୍କୁ ପରିବାର ଲୋକ ସଙ୍ଗେ ସଙ୍ଗେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ହେଲେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅରୁଣଙ୍କ ଗୁରୁବାର ସକାଳ ସାଢ଼େ ୯ଟାରେ ମୃତ୍ୟୁ ହୋଇଥିଲା। ପରେ କଟକ ବଡ଼ ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଗ୍ରାମକୁ ଅଣାଯାଇଥିଲା। ଅରୁଣଙ୍କ ମୃତଦେହ ଗ୍ରାମକୁ ଆସିବା ପରେ ତାଙ୍କ ପରିବାର ତଥା ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ସୂଚନାଯୋଗ୍ୟ, ଅରୁଣଙ୍କ ମା' ନଖିଙ୍କ ୭ ଦିନ ପୂର୍ବେ ମୃତ୍ୟୁ ହୋଇଥିବାବେଳେ ଗୁରୁବାର ତାଙ୍କ ମୃତ୍ୟୁରେ ପରିବାରରେ ଥିବା ସ୍ତ୍ରୀ ଓ ଦୁଇ ପୁଅ ଝିଅ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଅରୁଣ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାବେଳେ ସେ ରାଜମିସ୍ତ୍ରି କାର୍ଯ୍ୟ କରି ତାଙ୍କ ପରିବାର ପ୍ରତିପୋଷଣ କରୁଥିଲେ। ଖବରପାଇ ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ ତାଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ବ୍ରାହ୍ମଣୀ ନଦୀବନ୍ଧ ପରିଦର୍ଶନ କଲେ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ


ବ୍ରାହ୍ମଣୀ ନଦୀ ପଠାରୁ ଅତଡ଼ା ଧସିଥିବା ଜାଗାକୁ ମୁଖ୍ୟଯନ୍ତ୍ରୀ ଅନୁଧ୍ୟାନ କରୁଛନ୍ତି।

**ପଟ୍ଟାମୁଣ୍ଡାଇ, ୨୬।୯(କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଜଳସେଚନ ଉପଖଣ୍ଡ ଅଳଭା-୨ ନିମପୁର ଦେଇ ପ୍ରଭାବିତ ହେଉଥିବା ବ୍ରାହ୍ମଣୀ ନଦୀର ପୋଖରୀସାହି ନିକଟରେ ବୁଧବାର ନଦୀପଠାରୁ ଅତଡ଼ା ଖସି ବନ୍ଧ ପାଇଁ ବିପଦ ସୃଷ୍ଟି କରିଛି। ଏହି ବନ୍ଧ ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳ ସମେତ ରାଜନଗର ଓ ମହାକାଳପଡ଼ା ବ୍ଲକ ଲୋକମାନଙ୍କୁ ସୁରକ୍ଷା ଦେଇ ଆସିଛି। ବୁଧବାର ରାଜନଗର ବିଧାୟକ ଧ୍ରୁବ ସାହୁ, ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଘଟଣାସ୍ଥଳ ପରିଦର୍ଶନ କରି ସରକାରଙ୍କୁ ରିପୋର୍ଟ ଦେବା ପରେ ଗୁରୁବାର ସକାଳ ସାଢେ ୮ଟାରେ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଅବବାହିକା ପରିଚାଳକ ବିଘ୍ନେଶ୍ୱର ପୁରୋହିତ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଣବ କୁମାର ନାୟକ, ଅଧୀକ୍ଷଣ ଯନ୍ତ୍ରୀ ସେଠୀ ପ୍ରମୁଖ ଏହି ସ୍ଥାନ ପରିଦର୍ଶନ କରିଛନ୍ତି। ଅତଡ଼ା ଖାଉଥିବା ସ୍ଥାନରେ କାଠବଲ୍ଲା ଦେଇ ବାଲିବସ୍ତା ପକାଯାଉଥିବା କାର୍ଯ୍ୟକୁ ତଦାରଖ କରିଥିଲେ। ଯେପରିଆଉ ଅତଡ଼ା ନ ଖାଏ ଓ ବନ୍ଧ ପ୍ରତି ବିପଦ ସୃଷ୍ଟି ନ କରେ ତାହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟଯନ୍ତ୍ରୀ ପୁରୋହିତ ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଅଧିକାରୀ ଆଶିଷ କୁମାର ସ୍ୱାଇଁ, ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷାପରେ ପୁରୁଣା ସ୍ପରଗୁଡ଼ିକ ମରାମତି ହେବା ସହ ଅତଡ଼ା ଖାଉଥିବା ସ୍ଥାନରେ ନୂଆ ସ୍ପର ନିର୍ମାଣ କରାଯିବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିପାଇଁ ଡିଜାଇନ ଇଞ୍ଜିନିୟରମାନଙ୍କୁ କ୍ଷେତ୍ର ପରିଦର୍ଶନରେ ପଠାଯିବ ବୋଲି ମୁଖ୍ୟଯନ୍ତ୍ରୀ ପୁରୋହିତ କହିଛନ୍ତି।

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେବ

## ରାଜନଗରରେ ସୁରଭି କାର୍ଯ୍ୟକ୍ରମ

**ରାଜନଗର, ୨୬।୯(ଭାସ୍କର ରାଉତରାୟ)**

ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନିୟର, ସିନିୟର, ହାୟର ସିନିୟର ଓ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହ ପ୍ରଥମରୁ ୩ୟ ଶ୍ରେଣୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ଆଲୋକେଶନ, ସଙ୍ଗୀତ, ସୁନ୍ଦର ହସ୍ତାକ୍ଷର, ପିଏମ୍ ଚିତ୍ରକଳା ଓ ଦଳଗତ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତ ରଞ୍ଜନ ଜେନା, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିକ୍ରମାଦିତ୍ୟ ଦାଶ, ଅଧ୍ୟାପକ ରତ୍ନାକର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସେଠୀ, ହଳଧର ଦାସ ଓ ସିଆର୍ସିସି ମଧୁସୂଦନ ସାହୁ, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଛାତରୁ ଗଳୁଛି ପାଣି



**ରାଜକନିକା,୨୬।୯(ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକର ଓଳାଭରଠାରେ ଥିବା ଡ. ରାଧାନାଥ ରଥ ସରକାରୀ ଡାକ୍ତରଖାନା ଛାତରୁ ପାଣି ଗଳୁଛି। ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିବା ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଯାହାଦ୍ୱାରା ରୋଗୀସେବା ବାଧାପ୍ରାପ୍ତ ହେଉଛି। ଏହାବାଦ୍ ୨୦ ଶଯ୍ୟାବିଶିଷ୍ଟ ଏହି ହସ୍ପିଟାଲରେ ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସଙ୍କ ଅଭାବ ରହିଛି। ଫଳରେ ରୋଗୀସେବା ପ୍ରଭାବିତ ହେଉଛି।

ଏହି ହସ୍ପିଟାଲରେ ଡେପୁଟେଶନରେ ଥିବା ଜଣେ ମାତ୍ର ଡାକ୍ତର ଏବେ ଟ୍ରେନିଂ ପାଇଁ ଯାଇଥିବାବେଳେ, ଏଠାରେ ଥିବା ଫାର୍ମାସିଷ୍ଟଙ୍କୁ ଡେପୁଟେଶନରେ କଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ହସ୍ପିଟାଲଟି ପୁରୁଣା ହୋଇ ଯାଇଥିବାରୁ ଭିତ୍ତିଭୂମି ଜରାଜୀର୍ଣ୍ଣ ହୋଇପଡ଼ିଛି। ହସ୍ପିଟାଲର ଡ୍ରେସିଂ ରୁମ୍ ଛାତରୁ ବର୍ଷା ହେଲେ ଟପ୍ ଟପ୍ ହୋଇ ପାଣି ଗଳିବା ଦ୍ୱାରା ଡ୍ରେସିଂ ହେବାରେ ବାଧାପ୍ରାପ୍ତ ହେଉଥିବା ରୋଗୀ ଅଭିଯୋଗ କରିଛନ୍ତି। ଏପରିକି ବିଭିନ୍ନ ସମୟରେ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ହସ୍ପିଟାଲ ଉପରେ ୧୦ଟି ପଞ୍ଚାୟତର ପ୍ରାୟ ୫୦ ହଜାର ଜନସାଧାରଣ ନିର୍ଭର କରିଥାନ୍ତି। ତୁରନ୍ତ ଏହି ହସ୍ପିଟାଲର ଭିତ୍ତିଭୂମି ପ୍ରତି ଯତ୍ନବାନ ସହ ପାଣି ଗଳୁଥିବା ଛାତକୁ ମରାମତି କରିବା ଏବଂ ଡାକ୍ତର, ଫାର୍ମାସିଷ୍ଟ ଓ ଷ୍ଟାଫ୍ ନର୍ସ ଯୋଗାଇଦେବା ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ତାଳଚୁଆ ଥାନା ପକ୍ଷରୁ ସାଗରକବଚ ମିଳିତ ସମରାଭ୍ୟାସ

**ରାଜନଗର, ୨୬।୯ (ଭାସ୍କର ରାଉତରାୟ)**

ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଦୁଇ ଦିନିଆ ସମରାଭ୍ୟାସ ଗୁରୁବାର ଶେଷ ହୋଇଛି। ବଙ୍ଗୋପସାଗର ତଟବର୍ତ୍ତୀ ଅଞ୍ଚଳ ଏବଂ ତାଳଚୁଆ ସାମୁଦ୍ରିକ ଥାନା ପାର୍ଶ୍ୱରେ ଥିବା ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତାର ମିଳନସ୍ଥଳୀ ସହ ତାଳଚୁଆ ଜେଟୀ, ତାଳଚୁଆ ଫେରିଘାଟ, ନଳିତାପାଟିଆ ଘାଟ, ସୁବର୍ଣ୍ଣପୁର ଘାଟ, ଜ୍ୟୋତିପ୍ରସାଦ ଘାଟ, ପ୍ରଭାତୀ ଏବଂ ହାତିଆଗଣ୍ଡ ଘାଟ ପ୍ରଭୃତି ସ୍ଥାନରେ ଏହି ସମରାଭ୍ୟାସ କରାଯାଇଛି। ସମୁଦ୍ର ଏବଂ ନଦୀ ଦେଇ ବିଭିନ୍ନ ସମୟରେ ଅନୁପ୍ରବେଶକାରୀ, ବିଭିନ୍ନ ମାଦକଦ୍ରବ୍ୟ ଓ ଚୋରା ଚାଲାଣକୁ ରୋକିବାକୁ ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ସମରାଭ୍ୟାସ କରାଯାଇଥିଲା। ସାମୁଦ୍ରିକ ଥାନା ଅଧିକାରିଣୀ ସସ୍ମିତା ସାହୁଙ୍କ ନେତୃତ୍ୱରେ ସବ୍ଇନ୍ସପେକ୍ଟର ଅନିଲ ମହାପାତ୍ର ଏଏସ୍ଆଇ ବାବୁରାମ ହେମ୍ବ୍ରମ, ପ୍ରଦୀପ ନାଥଙ୍କ ସମେତ ୨ ସେକ୍ସନ ଏପିଆର ଫୋର୍ସ ଓ ମେରାଇନ କର୍ମଚାରୀଙ୍କୁ ନେଇ ମିଳିତ ସମରାଭ୍ୟାସ କରାଯାଇଛି। ଏହି ସମରାଭ୍ୟାସ ସମୟରେ ତାଳଚୁଆ ଜେଟୀ, ତାଳଚୁଆ ଫେରିଘାଟରେ ବୋଟରେ ଯିବା ଆସିବା କରୁଥିବା ଯାତ୍ରୀମାନଙ୍କ ବ୍ୟବହୃତ ଗାଡ଼ି, ବ୍ୟାଗ ଓ ଅନ୍ୟ ସାମଗ୍ରୀକୁ ଯାଞ୍ଚ କରାଯାଇଛି।


ପୋଲିସ ପକ୍ଷରୁ ବାଇକ୍ ଚାଳକଙ୍କ ପରିଚୟ ପତ୍ର ଯାଞ୍ଚ କରାଯାଉଛି।

# ଶିକ୍ଷା ବିଭାଗର ଆଲୋଚନାଚକ୍ର

## ପଟ୍ଟାମୁଣ୍ଡାଇ କଲେଜ


ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅଧ୍ୟାପିକା, ଅଧ୍ୟାପକ ଓ ପିଲାମାନେ।

**ପଟ୍ଟାମୁଣ୍ଡାଇ,୨୬।୯(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ପକ୍ଷରୁ ମୂଲ୍ୟବୋଧ ଶିକ୍ଷା ଦୃଷ୍ଟିକୋଣରେ ଶିକ୍ଷକମାନଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ କଲେଜ ଅଧ୍ୟାପିକା ଡ. ରତ୍ନମଞ୍ଜରୀ ଦାସ ଯୋଗଦେଇ ବିଷୟ ଭିତ୍ତିକ ଆଲୋଚନା କରିଥିଲେ। କଲେଜ ଶିକ୍ଷା ବିଭାଗ ମୁଖ୍ୟ ନିବେଦିତା ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଆଇକ୍ୟୁଏସି ସଂଯୋଜକ ପ୍ରାଧ୍ୟପକ ଡ. ସୁନୀଲ ପ୍ରଧାନ, ଡ. ଫକୀର ପ୍ରଧାନ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପିକା ନମିତା ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ଶିକ୍ଷା ବିଭାଗ ଛାତ୍ରିଛାତ୍ର ଯୋଗ ଦେଇଥିଲେ।

# ଏଣ୍ଡର ସମବାୟ ସମିତିର ବାର୍ଷିକ ଅଧିବେଶନ

**ଡେରାବିଶ,୨୬।୯(ବେବର୍ତ୍ତା ଅଜୟ ଦାସ)**



ସଭାରେ ଯୋଗ ଦେଇଥିବା ଅତିଥିମାନେ।

ଡେରାବିଶ ବ୍ଲକ ଏଣ୍ଡର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ସମିତିର ବାର୍ଷିକ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତି ପରିଚାଳନା ପରିଷଦ ସଭାପତି ଶ୍ୟାମଳେନ୍ଦୁ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା କଟକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ସରୋଜକାନ୍ତ ସାହୁ ମୁଖ୍ୟଅତିଥି ଏବଂ ସ୍ଥାନୀୟ ନରସିଂହପୁର ପଞ୍ଚାୟତ ସରପଞ୍ଚ ସୁଧୀର କୁମାର ଖଟୁଆ , ପରିଚାଳନା ପରିଷଦର ଉପ-ସଭାନେତ୍ରୀ ସନ୍ଧ୍ୟାରାଣୀ ରାଉତରାୟ, ସଦସ୍ୟ ରାଜକିଶୋର ମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କୃଷି କ୍ଷେତ୍ର ସହିତ ସମସ୍ତ କୃଷକ ବନ୍ଧୁଙ୍କ ଉନ୍ନତି ପାଇଁ ସରକାର ସମବାୟ ସମିତି ମାଧ୍ୟମରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଓ ମାତ୍ର ୨% ସୁଧରେ ୩ଲକ୍ଷ ଏବଂ ସ୍ୱୟଂସହାୟକ ଗୋଷ୍ଠୀକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା କରାଯାଇଥିବା ସୂଚନା ପ୍ରଦାନ କରିଥିଲେ। ଏଥିସହିତ ସମିତି ମାଧ୍ୟମରେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଅନ୍ୟାନ୍ୟ କୃଷି ଓ କୃଷକଙ୍କ ଉନ୍ନତି ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ।

ସଭା ପ୍ରାରମ୍ଭରେ ସମବାୟ ସମିତି ସମ୍ପାଦକ ମନୋରଞ୍ଜନ ଦାସ ବିବରଣୀ ପାଠ କରିଥିଲେ। ଅଗ୍ରଣୀ ଚାଷୀ ଦିବାକର ରାଉତ କେନ୍ଦ୍ରାପଡା ଜିଲାରେ ରହିଥିବା ସମସ୍ତ ସମିତି ମଧ୍ୟରୁ ଏଣ୍ଡର ସମିତି ବିଗତବର୍ଷ ପରି ଏକ ଲାଭଜନକ ସମିତି ଭାବେ ତାର ସୁନାମ ବଜାୟ ରଖିଥିବାରୁ ପରିଚାଳନା ପରିଷଦ ଓ ସମିତି କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ । ବହୁ ସଦସ୍ୟ ସମିତିର ଉନ୍ନତି ପାଇଁ ଗଠନ ମୂଳକ ପ୍ରସ୍ତାବ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ପରିଚାଳନା ପରିଷଦର ସଦସ୍ୟ ଭାଗ୍ୟଧର ପ୍ରଧାନ, ଦିବାକର ରାଉତ, ହିମାଂଶୁ ଶେଖର ଦଣ୍ଡପାଟ, ଅଭିରାମ ମଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସମବାୟ ସମିତି ସହ ସମ୍ପାଦକ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାକୁ ସମବାୟ ସମିତି କର୍ମଚାରୀ ଅନିରୁଦ୍ଧ ଖଟୁଆ, ଅଚ୍ୟୁତାନନ୍ଦ ବାରିକ, ସନ୍ଦୀପ୍ତ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ। ସମିତି ଅଧୀନରେ ଥିବା ଏଣ୍ଡର ଓ ନରସିଂହପୁର ପଞ୍ଚାୟତର ଶତାଧିକ ଚାଷୀ ଯୋଗ ଦେଇଥିଲେ ।

# ଲଗାଣ ବର୍ଷା: ଆଳିର ବିଭିନ୍ନ ସ୍ଥାନରେ ଜମି ରହିଛି ପାଣି

**ଆଳି, ୨୬।୯(ବନମାଳୀ ସେନାପତି )**

ଲଘୁଚାପ ପ୍ରଭାବରୁ ଆଳି ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଛି। ପ୍ରବଳ ବର୍ଷା ଯୋଗୁ ଆଳି ଅଞ୍ଚଳର ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ୩ଦିନ ହେବ ଲଗାଣ ବର୍ଷା ଲାଗି ରହିଥିବାରୁ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ଖାଲୁଆ ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରିବାରୁ ଲୋକମାନେ ଜଳବନ୍ଦୀ ଜୀବନ କାଟୁଛନ୍ତି। ଲଗାଣ ବର୍ଷା ଯୋଗୁ ଆଳିର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିର ସମ୍ମୁଖରୁ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ଆଣ୍ଠୁଏ ବର୍ଷାଜଳ ଜମି ରହିଛି। ଠାକୁର ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁମାନେ ପାଣିରେ ପଶି ଯାଉଥିବାବେଳେ ନିକଟରେ ଥିବା ୟୁକୋ ବ୍ୟାଙ୍କକୁ ମଧ୍ୟ ବର୍ଷା ପାଣି ଯୋଗୁ ଗ୍ରାହକମାନେ ଆସୁନାହାନ୍ତି। ଅତି ଜରୁରୀ କାର୍ଯ୍ୟ ଥିବା ଗ୍ରାହକମାନେ ପାଣି ଭିତରେ ପଶି ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ସେହିପରି ଆଳି ଅନ୍ନପୂର୍ଣ୍ଣା ପଡ଼ିଆ ମଧ୍ୟରେ ଥିବା ଖାଲଖମାରେ ବର୍ଷା ପାଣି ଜମି ରହି ସାଧାରଣ ଯାତ୍ରୀଙ୍କ ଯାତାୟାତରେ ବାଧକ ସାଜିଛି। ସେହିପରି ରାଜବାଟି ରୋଡ଼ରେ ମଧ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ମେଣ୍ଢପୁର ପଞ୍ଚାୟତର ୯ ନଂ. ୱାର୍ଡର ଆଜାଦନଗରଠାରେ ମଧ ବର୍ଷା ପାଣି ଜମି ରହିଛି। ୱାର୍ଡରେ ବସବାସ କରୁଥିବା ଲୋକମାନଙ୍କ ସହ ସ୍କୁଲ ଛାତ୍ରୀଛାତ୍ର ମଧ ପାଣିରେ ପଶି ସ୍କୁଲ ଟିଉସନ ଯାଉଛନ୍ତି। ସେହିପରି କଟକ-ଚାନ୍ଦବାଲି ରାସ୍ତାରୁ ନିଆଳ ଗ୍ରାମ ମଧ୍ୟକୁ ଯାଇଥିବା ରାସ୍ତାରେ ଆଣ୍ଠୁଏ ଲେଖା ପାଣି ଜମି ରହୁଥିବାରୁ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନ ଥିବାରୁ ମୋଟର ଲଗାଇ ଜଳ ନିଷ୍କାସନ କରୁଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।


ରାସ୍ତାରେ ଜମିଥିବା ପାଣିରେ ପଶି ଲୋକମାନେ ଯାଉଛନ୍ତି।

## ସଂକ୍ଷେପରେ

### ୪ଲକ୍ଷ ଟଙ୍କାର ଶାଗୁଆନ ପଟା ଜବତ

ଓଡ଼ଗାଁ,୨୬।୯(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବନ ବିଭାଗ ପକ୍ଷରୁ ଏକ ବେଆଇନ ବଢେଇ ଶାଳ ଉପରେ ଚଢ଼ାଉ କରାଯାଇ ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଶାଗୁଆନ ପଟା ଓ ବଢେଇ ସରଞ୍ଜାମ ଜବତ ହୋଇଛି। ନିକଟସ୍ଥ ଜଙ୍ଗଲରୁ ଗଜା ଶାଗୁଆନ କାଟି ବାଇକ୍‌ରେ କେତେଜଣ ବ୍ୟକ୍ତି ବୋହି ଆଣୁଥିବା ଖବର ବନ ବିଭାଗ ଅଧିକାରୀଙ୍କ ପାଖରେ ପହଞ୍ଚିଥିଲା। ବିଭାଗୀୟ କର୍ମଚାରୀ ସେମାନଙ୍କ ପିଛା କରିଥିଲେ। ରଙ୍ଗଣିପାଟଣା ଗ୍ରାମର ଇଟାସାହିରେ ଥିବା ବିଶ୍ୱନାଥ ସାହୁଙ୍କ ଏକ ବନ୍ଦ ଘର ଉପରେ ସନ୍ଦେହ ଘନୀଭୂତ ହୋଇଥିଲା। ଗୁରୁବାର ଅପରାହ୍ନରେ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ଶ୍ରୀନୁ, ପୋଲିସ ଓ ସ୍ଥାନୀୟ ସରପଞ୍ଚ ସସ୍ମିତା ପାତ୍ରଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ତାଲା ତାଲା ଭାଙ୍ଗି ସେଠାରେ ଗଚ୍ଛିତ ଥିବା ପ୍ରାୟ ୪ ଲକ୍ଷ ଟଙ୍କାର ଗଜା ଶାଗୁଆନ ଜବତ କରାଯାଇଥିଲା। ବନ ବିଭାଗ ସେଠାରୁ ୨୫୦ ଶାଗୁଆନ ପଟା, ଅନେକ ଅର୍ଦ୍ଧ ନିର୍ମିତ କାଠ ସରଞ୍ଜାମ ସହିତ ବହୁ ବଢେଇ ଯନ୍ତ୍ରପାତି ଜବତ ହୋଇଛି। ଘର ମାଲିକ ବିଶ୍ୱନାଥ ସାହୁଙ୍କ ପୁଅ ଚିତର ସାହୁଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

### ଭାଜପାର ସଭ୍ୟ ସଂଗ୍ରହ ପାଇଁ ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା,୨୬।୯(ଅଜୟ କୁମାର ମହାରଣା)

ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ ନେଇ ଏକ ପ୍ରସ୍ତୁତି ବୈଠକ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ବୁଧବାର ମା'ଉମାଦେବୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖଣ୍ଡପଡ଼ା ସହର ଅଧୀନ ୧୩ଟି ୱାର୍ଡର କାର୍ଯ୍ୟକର୍ତ୍ତା ଓ ଶୁଭେଚ୍ଛୁମାନେ ଉପସ୍ଥିତଥିଲେ। ସଭ୍ୟ ସଂଗ୍ରହ ଅଭିଯାନକୁ ସଫଳ କରିବା ପାଇଁ ବିଧାୟକ ସମସ୍ତଙ୍କ ସହଯୋଗ କାମନା କରିବା ସହ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନ, ସଙ୍ଗଠକ ଚିତ୍ତ ରଞ୍ଜନ ମିଶ୍ର, ବନପାଳ ସନାତନ ସ୍ୱାଇଁ ଓ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଗହଣରେ ବିଧାୟକ ମା'ଉମାଦେବୀ ପୀଠ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ।

### ଡାକ୍ତରଖାନା ରାସ୍ତା ଶୋଚନୀୟ

ଦଶପଲ୍ଲା,୨୬।୯(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ବାଣୀଗୋଛାର ବଙ୍ଗଳାଛକଠାରୁ ବାବା ଯୋଗେଶ୍ୱର ମନ୍ଦିର ସମେତ ଡାକ୍ତରଖାନାକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାଦେଇ ପ୍ରତିଦିନ ନୟାଗଡ଼ ଜିଲାର ୭ ପଞ୍ଚାୟତର ଜନସାଧାରଣଙ୍କ ସମେତ ପାର୍ଶ୍ୱବର୍ତ୍ତୀ ବୌଦ୍ଧ, କନ୍ଧମାଳ ଅଞ୍ଚଳର ଜନସାଧାରଣ ଏହି ରାସ୍ତା ଦେଇ ଡାକ୍ତରଖାନାକୁ ଯାତାୟତ କରନ୍ତି। ବିପର୍ଯ୍ୟସ୍ତ ରାସ୍ତା ପାଇଁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଏହି ରାସ୍ତାର ମରାମତି ପାଇଁ ବହୁବାର ଦାବି କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ୪ ବର୍ଷରେ ୭୪ ହଜାର ୧୫୬ ଚାରା ମରିଛି

ନୟାଗଡ଼/ନୂଆଗାଁ,୨୬।୯
(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

**ମହୀପୁର ରେଞ୍ଜରେ ଅବ୍ୟବସ୍ଥା**

- ୧୭ ଲକ୍ଷ ଟଙ୍କା ପାଣିରେ ପଡିଲା
- ରକ୍ଷଣାବେକ୍ଷଣା ଉପରେ ଉଠିଲା ପ୍ରଶ୍ନ
- ରେଞ୍ଜରଙ୍କ କଥା ଓ ରିପୋର୍ଟରେ ନାହିଁ ତାଳମେଳ
- ଗୁମର ଖୋଲିଲା ଆର୍‌ଟିଆଇ ସୂଚନା

ନୟାଗଡ଼ ବନଖଣ୍ଡ ମହିପୁର ରେଞ୍ଜର ମହିପୁର, ଗୁମି ଓ ମହିତମା ଆଦି ୩ ପ୍ଲାଣ୍ଟେଶନରେ ୪ ବର୍ଷରେ ୭୪ ହଜାର ୧୫୬ ଚାରା କରିଛି। ଏହା ପରେ ବନବିଭାଗର ଚାରା ରକ୍ଷଣାବେକ୍ଷଣ ଉପରେ ପ୍ରଶ୍ନ ଉଠିଛି। ଏଥିପାଇଁ ସରକାରଙ୍କ ୧୭ ଲକ୍ଷ ୩୨ ହଜାର ୭୧୦ ଟଙ୍କା ପାଣିରେ ପଡିଛି ବୋଲି ସୂଚନା ଅଧିକାର ଆଇନ(ଆରଟିଆଇ) ତଥ୍ୟ ଗୁମର ଖୋଲିଛି। ଚାରା ମରିବା ପରେ ମିଳିଥିବା ଆରଟିଆଇ ରିପୋର୍ଟ ଓ ମହିପୁର ରେଞ୍ଜରଙ୍କ କଥାରେ ତାଳମେଳ ନ ଥିବାରୁ ଚାରା ପକାଇବାରେ ଅନିୟମିତତା ହୋଇଥିବା ଆଶଙ୍କା କରାଯାଇଛି। ଏହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଆରଟିଆଇରେ ମିଳିଥିବା ସୂଚନା ଅନୁସାରେ ମହିପୁର, ଗୁମି ଓ ମହିତମା ଆଦି ୩ଟି ପ୍ଲାଣ୍ଟେଶନରେ ୨୦୨୦ରେ ୭ଟି ସ୍ଥାନରେ ୪୧୫ ହେକ୍ଟର ଜମିରେ ୮୩ ହଜାର ଚାରା ପଡିଥିଲା। ସେହିଭଳି ୨୦୨୧ ବର୍ଷରେ ୮ଟି ସ୍ଥାନରେ ୫୬୯.୪୩୪ ହେକ୍ଟର ଜମିରେ ୧ ଲକ୍ଷ ୧୩ ହଜାର ୮୮୭ ଚାରା ପଡିଥିବାବେଳେ ୨୦୨୨ ବର୍ଷରେ ୪ଟି ସ୍ଥାନରେ ୩୦୦ ହେକ୍ଟର ଜମିରେ ୬୦ ହଜାର ଚାରା ଅନୁରୂପ ଭାବେ ପଡିଥିଲା। ସେହିଭଳି ୨୦୨୩ରୁ ୨୦୨୪ ଜୁଲାଇ ପର୍ଯ୍ୟନ୍ତ ୮ଟି ସ୍ଥାନରେ ୩୭୬.୨୫ ହେକ୍ଟର ଜମିରେ ୭୭ ହଜାର ଚାରା ପକାଯାଇଥିଲା। ୨୦୨୦ରୁ ୨୦୨୪ ଜୁଲାଇ ପର୍ଯ୍ୟନ୍ତ ପ୍ରାୟ ୪ ବର୍ଷରେ ୫ ଲକ୍ଷ ୩୦ ହଜାର ଚାରା ପଡିଥିଲା। ଏଥିପାଇଁ ୧ କୋଟି ୨୭ ଲକ୍ଷ ୪୩ ହଜାର ୯୭୭ ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ୫ ଲକ୍ଷ ୩୦ ହଜାର ଚାରା ମଧ୍ୟରୁ ୪ ଲକ୍ଷ ୫୫ ହଜାର ୮୪୪ ଗଛ ବିକ୍ରି ଓ ବଣ୍ଟନ ହୋଇଛି। ଅନ୍ୟପକ୍ଷେ ୭୪ ହଜାର ୧୫୬ ଚାରା ମରିଯାଇଥିବା ଆରଟିଆଇ ରିପୋର୍ଟରେ ଦର୍ଶାଯାଇଛି। ଚାରା କାହିଁକି ମଲା, କେଉଁ ବର୍ଷ କେତେ ଚାରା ମରିଛି ସେନେଇ ରିପୋର୍ଟରେ ଦର୍ଶାଯାଇନାହିଁ। ତେବେ କେତେ ଚାରା ବଞ୍ଚିଛି କେତେ ଚାରା ମରିଛି ତା'ର ତଥ୍ୟ ବର୍ତ୍ତମାନ ଦେବା ସମ୍ଭବ ନୁହେଁ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ମରିଥିବା ଚାରା ପାଇଁ ସରକାରଙ୍କ ୧୭ ଲକ୍ଷ ୩୨ ହଜାର ୭୧୦ ଟଙ୍କା ଖର୍ଚ୍ଚ ହୋଇଛି।

ଏନେଇ ମହିପୁର ରେଞ୍ଜର ଅମ୍ରିତ କୁମାର ସାହୁ କୁହନ୍ତି, ମୁଁ ନିଜେ ଆରଟିଆଇ ତଥ୍ୟ ଦେଇଛି। ସେଥିରେ ଯାହା ଲେଖା ଯାଇଛି ତାହ ହିଁ ସତ୍ୟ। ଗଛ ମରି ନାହିଁ କି ଗଛ ନଷ୍ଟ ହୋଇ ନାହିଁ। ଅଧିକ କିଛି ଜାଣିବାକୁ ଚାହୁଁଥିଲେ ଅଫିସକୁ ଆସି ତଥ୍ୟ ନେଇ ପାରନ୍ତି ବୋଲି ପ୍ରକାଶ କରିଛନ୍ତି।

**ସ୍ୱଚ୍ଛତା ନ ଥିବାରୁ ଭିଜିଲାନ୍ସ ତଦନ୍ତ ଆବଶ୍ୟକ**

ଚାରା ମରିବା ନେଇ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ କୁହନ୍ତି, ନୟାଗଡ଼ ବନଖଣ୍ଡରେ ବନବିଭାଗର ଉନ୍ନୟନ କାର୍ଯ୍ୟରେ ସ୍ୱଚ୍ଛତା ନ ଥିବାରୁ ଭିଜିଲାନ୍ସକୁ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ବନବିଭାଗ ପକ୍ଷରୁ ପ୍ରତି ବର୍ଷ ଚାରା ପଡୁଛି, ଗଛ ଲଗା ଯାଉଛି ହେଲେ କେତେ ଗଛ ବଞ୍ଚୁଛି ଜଣାପଡୁନି। ପୁଣି ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଜିଲା ପରିଷଦ କମିଟି ପକ୍ଷରୁ ବନବିଭାଗର କିଛି ଉନ୍ନୟନ କାମ ତଦାରଖ ପରେ ଅନିୟମିତତା ହୋଇଥିବା ପ୍ରମାଣ ମିଳିଥିଲା। ବାରମ୍ବାର ଜିଲା ପରିଷଦ ବୈଠକରେ ବନବିଭାଗର କାର୍ଯ୍ୟ ଉପରେ ଉଦ୍‌ବେଗ, ଅସନ୍ତୋଷ ପ୍ରକାଶ ପାଇ ଆସୁଛି। କିନ୍ତୁ ବନବିଭାଗ ଉପରେ କାର୍ଯ୍ୟାନୁଷ୍ଠାନ ହେଉନି। ଏଣୁ ବନବିଭାଗ କରିଥିବା ଉନ୍ନୟନ କାର୍ଯ୍ୟକୁ ଭିଜିଲାନ୍ସ ତଦନ୍ତ କରିବାକୁ ଗୃହରେ ନିଷ୍ପତ୍ତି ହୋଇଛି। ସେହିଭଳି ୭୪ ହଜାର ୧୫୬ ଚାରା ମରିଯିବାର ମଧ ଭିଜିଲାନ୍ସ ତଦନ୍ତରେ ସାମିଲ କରାଯାଉ ବୋଲି ସେ କହିଛନ୍ତି। ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ କୁହନ୍ତି, ବନବିଭାଗର କାର୍ଯ୍ୟରେ ସ୍ୱଚ୍ଛତା ନ ଥିବାରୁ ବାରମ୍ବାର ଅଭିଯୋଗ ଆସୁଛି। ଏନେଇ ଜିଲା ପରିଷଦ ବୈଠକରେ ଆଲୋଚନା କରାଯାଇ ଭିଜିଲାନ୍ସକୁ ଦେବା ପାଇଁ ନିଷ୍ପତ୍ତି ହେବା ପରେ ତୁରନ୍ତ ଭିଜିଲାନ୍ସ ତଦନ୍ତ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି। ମହିପୁର ବାସିନ୍ଦା ସଦାଶିବ ପ୍ରଧାନ କୁହନ୍ତି, ଚାରା ରୋପଣ ପାଇଁ ୪ ବର୍ଷରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ୩ଲକ୍ଷରୁ ଉର୍ଦ୍ଧ୍ୱ ଚାରା ଲଗା ଯାଇଥିବାର ଯାହା କୁହାଯାଉଛି ସେଥିରୁ କେତେ ବଞ୍ଚିଛି ବନବିଭାଗ ତଥ୍ୟ ଦେଇ ପାରିବନି। କାରଣ ୯୦ ପ୍ରତିଶତ ଗଛ ମରିଯାଉଥିଲେ ହେଁ ଚାରା ପକାଇବା ଓ ରୋପଣରେ ଭଲ ଲାଭ ଥିବାରୁ ପ୍ରତିବର୍ଷ ଦୁର୍ନୀତି ଚାଲିଛି।

# ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

ଖଣ୍ଡପଡ଼ା,୨୬।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଗୁରୁବାର ଠାରୁ ଆରମ୍ଭ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ ଓ ପ୍ରଦୀପ୍ତ କୁମାର ସାହୁ ଯୋଗଦେଇ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିବା ସହ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ଭାବେ ଶିକ୍ଷକ ବାଲୁରି ବାରିକ, ଚିତ୍ତରଞ୍ଜନ ପଣ୍ଡା, ରୋଶେନ କୁମାର ସାହୁ, ସନ୍ତୋଷ କୁମାର ସାହୁଙ୍କ ସହ ଅନ୍ୟମାନେ ଶିବିରରେ ଯୋଗ ଦେଇ ବିଦ୍ୟାଳୟରେ ଶିକ୍ଷାର ମାନବୃଦ୍ଧି କରିବା, ଶିକ୍ଷକ ନେତୃତ୍ୱ, ଅନ୍ତର୍ନିବେଶୀ ଶିକ୍ଷା, ମାସିକ ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବା ସହ ସାମାଜିକ ଗଣମାଧ୍ୟମର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୩ଦିନ ଧରି ଆୟୋଜିତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହେବ। ସେହିପରି ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ମଧ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଥିବା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କଠାରୁ ପ୍ରକାଶ।

# ୧୧୪ ବିଦ୍ୟାଳୟରେ ସୁରଭି


ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ଖଣ୍ଡପଡ଼ା,୨୬।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଗୋଷ୍ଠୀଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ୧୧୪ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟରେ ୨ଟି ପର୍ଯ୍ୟାୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କଠାରୁ ପ୍ରକାଶ। ପ୍ରତ୍ୟେକ ବିଦ୍ୟାଳୟରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟସ୍ତରରୁ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ୧୧ଟି କ୍ଲଷ୍ଟରସ୍ତରରେ ଆୟୋଜିତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାଶଙ୍କଠାରୁ ସୂଚନା ମିଳିଛି। ସମସ୍ତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୪୪୧ ପରିବାର ପାଇଛନ୍ତି ୧୦୦ ଦିନ କାମ



ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ମଞ୍ଚାସୀନ ଅତିଥି।

ଖଣ୍ଡପଡ଼ା,୨୬।୯
(ଅଜୟ କୁମାର ମହାରଣା)

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନ ଶୁଣାଣି ଶିବିର**

ଖଣ୍ଡପଡ଼ା ବ୍ଲକ୍ ସମ୍ମିଳନୀ କକ୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ସମ୍ପର୍କୀତ ଏକ ଜନ ଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇ ସମୀକ୍ଷା କରାଯାଇଥିଲା। ଏହି ଯୋଜନାରେ ୨୮୨୭ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ନୟାଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଦେବଦତ୍ତ ପଣ୍ଡା, ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ମହାନ୍ତି, ନୟାଗଡ଼ ଜିଲା ସାମାଜିକ ସମୀକ୍ଷକ ବିଜୟ କୁମାର ବଳିୟାରସିଂ, ବ୍ଲକ ସହକାରୀ ପ୍ରକଳ୍ପ ଅଧିକାରିଣୀ ଜୟନ୍ତୀ ମିଶ୍ର, ବ୍ଲକ ସାମାଜିକ ସମୀକ୍ଷକ ଅମନଜିତ ସାହୁଙ୍କ ସମେତ ବରିଷ୍ଠ ଓ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଏହି ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବମୋଟ ୨୦୮୫୫ ଜଣ ପରିବାରକୁ ଜବ୍‌କାର୍ଡ ପ୍ରଦାନ କରାଯାଇ ଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବମୋଟ ୪, ୯୭୬୫୩ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ଅଦ୍ୟାବଧି ୧,୩୧୭୮୩ ଗୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ୧୧୬୮ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବା ବେଳେ ୪୪୧ ଜବ୍‌କାର୍ଡଧାରୀ ପରିବାର ୧୦୦ ଦିନ କାମ ପାଇଛନ୍ତି। ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୧୭୩୨୯ପରିବାର ସଦସ୍ୟଙ୍କୁ କାମ ଯୋଗାଇ ଦିଆଯାଇଥିବା ବେଳେ ୨୪୨୦୩ ଜଣ କୁଶଳୀ କାରିଗର ଉନ୍ନୟନମୂଳକ କାର୍ଯ୍ୟରେ ସାମିଲ ହୋଇଥିବା ନେଇ ସୂଚନା ଦିଆଯାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ବିଭାଗ ଜରିଆରେ କାର୍ଯ୍ୟକାରୀ ହୋଇଥିବା ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା କାର୍ଯ୍ୟ ସମ୍ପର୍କୀତ ଅନ୍ୟ ଅଭିଯୋଗ ଆସନ୍ତା ୭ ତାରିଖରେ ଶୁଣାଣି କରିବା ପାଇଁ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ

ଖଣ୍ଡପଡ଼ା,୨୬।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟରେ ଗୁରୁବାର 'ସ୍ୱଚ୍ଛତା ହିଁ ସେବା'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଏନଏସି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତା ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତର୍କ, ଏକକ ଅଭିନୟ, କୁଇଜ୍, ଦଳଗତ ନୃତ୍ୟ, ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ୩ୟ ସ୍ଥାନରେ ଥିବା ପ୍ରତିଯୋଗୀମାନଙ୍କୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ପୁରସ୍କୃତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ସ୍ୱଚ୍ଛତା ଅଭିଯାନକୁ କ୍ରୀୟାଶୀଳ କରିବା ପାଇଁ ଛାତ୍ରୀମାନଙ୍କ ସମେତ ଏନ୍‌ଏସି ନିର୍ବାହୀ ଅଧିକାରୀ ଓ ସହକର୍ମୀମାନେ ସ୍ୱଚ୍ଛତା ଶପଥ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଯୁକ୍ତ ୨ ଅଧକ୍ଷା ସ୍ମିତା ଶେଫାଳୀ ମହପାତ୍ର, ଏନ୍‌ଏସି ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଏକ ସ୍ୱଚ୍ଛତା ଶୋଭାଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅଧାପିକା ଜାହ୍ନବୀ ପଟ୍ଟନାୟକଙ୍କ ନେତୃତ୍ୱରେ ଯୁକ୍ତ ୨ ୟୁଥ ରେଡ଼କ୍ରସ ଶାଖାର ଛାତ୍ରୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ଖଣ୍ଡପଡ଼ାରେ ବିଏସ୍‌ଏନ୍‌ଏଲ୍‌ର ୪-ଜି ସେବା ଆରମ୍ଭ

ଖଣ୍ଡପଡ଼ା,୨୬।୯(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରର ତ୍ରିନାଥ ଛକରେ ବିଏସଏନଏଲ ପକ୍ଷରୁ ଏକ ଗ୍ରାହକ ସେବା କେନ୍ଦ୍ର କାର୍ଯ୍ୟାରମ୍ଭ କରିଛି। ବହୁ ବର୍ଷର ପ୍ରତୀକ୍ଷା ପରେ ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳରେ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସଏନଏଲ) ପକ୍ଷରୁ ୪-ଜି ମୋବାଇଲ ସେବା। ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୁପେ ବିଏସ୍‌ଏନ୍‌ଏଲ ନୟାଗଡ଼ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ସାହୁ ଯୋଗଦେଇଥିଲେ। ଖଣ୍ଡପଡ଼ା, ଖଳିସାହି, କଣ୍ଟିଲୋ, କୋସକା ସମେତ ଭାପୁର ଓ ଗଣିଆ ବ୍ଲକ ଅଞ୍ଚଳରେ ବିଏସଏନଏଲର ୪-ଜି ମୋବାଇଲ ସେବା ଏବେ ଉପଲବ୍ଧ ହେଉଥିବା ବେଳେ ଆଗାମୀ ଦିନରେ ଖଣ୍ଡପଡା ବ୍ଲକ୍ ଅଧୀନ ବଳରାମପ୍ରସାଦ, ଶିଖରପୁର, ବଡସହରା ଅଞ୍ଚଳରେ ମଧ ଏହି ସେବା ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଛି।

# ମହିଳା ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର

ଖଣ୍ଡପଡ଼ା,୨୬।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ ଗୁରୁବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ଖଣ୍ଡପଡ଼ା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଦେୱାନୀ ଜଜ୍ ତଥା ସହକାରୀ ଦୌରାଜଜ୍ ବିଭୂତି ଭୂଷଣ ନାୟକ, ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ମିସ୍‌ତସଲିମା ଦାସ, ଅତିରିକ୍ତ ସରକାରୀ ଓକିଲ ଗିରିଜା ଶଙ୍କର ତରାସିଆ, ଖଣ୍ଡପଡ଼ା ବାର ଆସୋସିଏଶନର ସମ୍ପାଦକ ଆଇନଜୀବୀ ବିକ୍ରମ କେଶରୀ ଦେଓ, ଆଇନଜୀବୀ ଯୁଧିଷ୍ଠିର ସାହୁ, ସିଦ୍ଧାର୍ଥ ଶଙ୍କର ରାୟ, ଅରୁଣ କୁମାର ଦାସ, ନିଷ୍ପାପ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ଯୁକ୍ତ ୨ ଛାତ୍ରୀମାନଙ୍କୁ ପୋକ୍‌ସୋ ଆଇନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁକ୍ତ ୨ ମହାବିଦ୍ୟାଳୟର ଅଧକ୍ଷା ସ୍ମିତା ଶେଫାଳୀ ମହାପାତ୍ରଙ୍କ ସମେତ ଅନ୍ୟ ଅଧାପିକା, ଅଧାପକମାନେ ଅଂଶ ଗ୍ରହଣ କରିଥିଲେ।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ନୂଆଗାଁ,୨୬।୯(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୃତ୍ରିମ ବୁଦ୍ଧିମତା ; ଆଶା ଓ ଆଶଙ୍କା ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ନୂଆଗାଁ ବ୍ଲକ ବିଭିନ୍ନ ସ୍କୁଲର ଅଷ୍ଟମଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମୋଟ ୭ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏଥିରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ର ଚଳିତ ମାସ ୩୦ ତାରିଖରେ ଜିଲାସ୍ତରରେ ହେବାକୁ ଥିବା ଆଲୋଚନା ଚକ୍ରରେ ଭାଗ ନେବେ। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀ, କବିତା ମଞ୍ଜରୀ ଦାସ , ନୂଆଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୀମସେନ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସିଆରସିସି କୈଳାସ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ। ଏହି ଆଲୋଚନା ଚକ୍ରରେ କୃତିତ୍ୱ ହାସଲ କରି ଚାହାଳି ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ଅଭିପସା ମିଶ୍ର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି।



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଗଣିଆ ବ୍ଲକ୍‌ସ୍ତରୀୟ ସାମାଜିକ ଜନଶୁଣାଣି

ଗଣିଆ,୨୬।୯(ସନ୍ତୋଷ କୁମାର ପ୍ରଧାନ)



ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି।

ଗଣିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍), ଜାତୀୟ ଖାଦ୍ୟ ସୁରକ୍ଷା ଆଇନ , ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନାର ଜନଶୁଣାଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଅତିରିକ୍ତ ଜିଲାପାଳ (ରାଜସ୍ୱ ) ଆଲବେନ ଲାକ୍ରା ଏମ୍‌ଜିଏନ୍‌ଆରଇଜିଏସ ଯୋଜନାରେ ହିତାଧିକାରୀମାନେ କିଭଳି କାମ ପାଇପାରିବା ସହ ୧୦୦ଦିନର କାମ କରି ଯୋଜନାର ଲାଭ ଉଠାଇପାରିବେ ସେ ନେଇ ଆଲୋଚନା କରିଥିଲେ। ଏମ୍‌ଜିଏନ୍‌ଆରଇଜିଏସ ଯୋଜନାରେ ୨୬୬ ପ୍ରକାର କାମ ରହିଛି। ଏହି ଯୋଜନାରେ ଅଧିକରୁ ଅଧିକ କାମ କରି ଯୋଜନାର ଲାଭ ଉଠାଇପାରିବା ନେଇ ଆଲୋଚନା କରିଥିଲେ। ଚଳିତ ବର୍ଷ ବ୍ଲକରେ ଏହି ଯୋଜନାରେ ୬୭୭.୭୪ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ନୟାଗଡ଼ ଜିଲାରେ ଗଣିଆ ବ୍ଲକ ପୂର୍ବ ବର୍ଷର ସମସ୍ତ ଇସ୍ୟୁ ପେନାଲଟି ଡିପୋଜିଟ କରି ସାରିଥିବା ବୈଠକରୁ ଜଣାପଡିଛି। ୨୦୨୩- ୨୪ ଆର୍ଥିକ ବର୍ଷର ଏମ୍‌ଜିଏନ୍‌ଆରଇଜିଏସ ଯୋଜନାରେ ଯେଉଁ ଅଡିଟ ହୋଇଥିଲା ସେଥିମଧ୍ୟରୁ ୫୯ଟି ଇସ୍ୟୁ ବାହାରିଛି। ସେହିପରି ମୃତ୍ତିକା ସଂରକ୍ଷଣ ବିଭାଗର ୧୮, ଉଦ୍ୟାନ ବିଭାଗର ୧୪ ଓ ବନବିଭାଗର ୩ଟି ଇସ୍ୟୁ ରହିଥିବା ବେଳେ ଗ୍ରାମସଭାର ୭ଦିନ ମଧ୍ୟରେ ଏହି ସମସ୍ୟା ସମାଧାନ ପାଇଁ ସମୟ ଦିଆଯାଇଥିଲା। ଏହି ସମସ୍ୟା ସମାଧାନ ନ ହେବାରୁ ପେନାଲଟି ଜମା କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

ସେହିପରି ଖାଦ୍ୟ ସୁରକ୍ଷା ଆଇନରେ ସମୁଦାୟ ୨୭ଟି ଇସ୍ୟୁ ବାହାରିଥିବା ବେଳେ ଛାମୁଣ୍ଡିଆ ପଞ୍ଚାୟତର ୩, କରଡାପଡା ପଞ୍ଚରୟତର ୫, ଗଣିଆ ପଞ୍ଚାୟତର ୪, ରାସଙ୍ଗ ଗ୍ରାମପଞ୍ଚାୟତର ୧୩, ବେଲପଡାପାଟଣା ଓ ବଡଶିଲିଙ୍ଗା ପଞ୍ଚାୟତର ଗୋଟିଏ ଲେଖାଏ ସମସ୍ୟା ରହିଥିବା ଅଭିଯୋଗ ମିଳିବା ପରେ ଏହି ସମସ୍ୟାଗୁଡିକ ତୁରନ୍ତ ସମାଧାନ କରିବା ଲାଗି ସମସ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ଜିଲା ସାମାଜିକ ସମୀକ୍ଷକ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପରି ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନାରେ କେବଳ ବଡଶିଲିଙ୍ଗା ପଞ୍ଚାୟତର ୧୩ ଅଙ୍ଗନୱାଡି କେନ୍ଦ୍ରର ସାମାଜିକ ସମୀକ୍ଷା କରାଯାଇଥିଲା। ତେବେ ୧୧ଟି କେନ୍ଦ୍ରର ରେଜିଷ୍ଟର ଠିକ୍ ଭାବେ ଲେଖାଯାଉ ନ ଥିବା ଡିଏସ୍‌ଏ କହିଥିଲେ। ଆସନ୍ତା ଏକ ସପ୍ତାହ ମଧ୍ୟରେ ରେଜିଷ୍ଟର ଲେଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ବନବିଭାଗ ତରଫରୁ ଏମ୍‌ଜିଏନ୍‌ଆରଇଜିଏସ୍ ପ୍ରକଳ୍ପରେ ହେଉଥିବା କାର୍ଯ୍ୟ ସମ୍ପର୍କରେ କିମ୍ବା ପ୍ରକଳ୍ପ ପ୍ରପୋଜାଲ ସମ୍ପର୍କରେ ଗ୍ରାମ ପଞ୍ଚାୟତରେ ସମ୍ପୃକ୍ତ ଅଧିକାରୀମାନେ ଜଣାଉ ନ ଥିବା ସମସ୍ତ ସରପଞ୍ଚ ଅଭିଯୋଗ କରିଥିଲେ। ଏହି ବୈଠକରେ ଗଣିଆ ବିଡିଓ ଡ. ବେବିତା ମଞ୍ଜରୀ ନାୟକ, ଜିଲା ପରିଷଦ ସଭ୍ୟ ନରେଶ ବେହେରା, ଏବିଡିଓ ରତନଲାଲ ଲୋହରା, ବ୍ଲକ ଉପାଧକ୍ଷ ରାଜକିଶୋର ସାହୁ, ସହକାରୀ ଯନ୍ତ୍ରୀ ଅଜିତା ପ୍ରିୟଦର୍ଶନୀ , ଏପିଓ ଇତିଶ୍ରୀ ଦାଶ , ବିଏସ୍‌ଏ କଲ୍ୟାଣୀ ସ୍ୱାଇଁଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶିକ୍ଷାବିତ୍‌ଙ୍କ ପରଲୋକ



ଯାଜପୁରରୋଡ୍,୨୬।୯(ପବିତ୍ର ରଞ୍ଜନ ମହାନ୍ତି):

ବରିଷ୍ଠ ଶିକ୍ଷାବିତ୍ ତଥା ପୂର୍ବତନ କ୍ଷେତ ମଜଦୁର ସଂଘ ନେତା ଓ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ଆଶିଷ ରାୟଙ୍କ ୮୨ ବର୍ଷ ବୟସରେ ବୁଧବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବାପରେ ଗୁରୁବାର ସକାଳେ ବ୍ୟାସନଗର ମୁଣ୍ଡମାଳସ୍ଥିତ ତାଙ୍କ ବାସଭବନରେ ଶ୍ରମିକ ନେତା ମାୟାଧର ନାୟକ, କୋରେଇ ବିଧାୟକ ଆକାଶ ଦାସନାୟକ, କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି, ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଗୋକୁଳାନନ୍ଦ ମହାନ୍ତି, ଶିକ୍ଷାବିତ ଦୁଷ୍ମନ୍ତ ନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଛନ୍ତି। ନିକଟସ୍ଥ ବ୍ୟାସସରୋବର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ଶୁଭୋଜିତ ମୁଖାଗ୍ନି ଦେଇଛନ୍ତି। ଏଥିସହିତ ପରିବାର ଲୋକେ ତାଙ୍କ ଚକ୍ଷୁଦାନ କରିଛନ୍ତି।

### ଯୁବକଙ୍କ ଅକାଳ ବିୟୋଗ

ବରୀ,୨୬।୯(ମହେନ୍ଦ୍ର ସ୍ୱାଇଁ):

ବରୀ-ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିବିଲି ଗ୍ରାମର ଯୁବକ ଦିଲୀପ ପଡ଼ିହାରୀଙ୍କ ଅକାଳ ବିୟୋଗ ହୋଇଛି। ତାଙ୍କୁ ୪୬ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ମୁମ୍ବାଇରେ ରହି ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ବୁଧବାର ରାତିରେ ଛାତିରେ ଯନ୍ତ୍ରଣା ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଲୀପ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପ୍ରାକ୍ତନ ବିଧାୟିକା ସୁନନ୍ଦା ଦାସ, ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ବାଲିବିଲି ସରପଞ୍ଚ ମଧୁସ୍ମିତା ସାମଲ, ସମିତିସଭ୍ୟା ସୁଧାଂଶୁ ବାଳା ସାମଲ, ପ୍ରାକ୍ତନ ସରପଞ୍ଚ ନବଘନ ପରିଡ଼ା, ପ୍ରାକ୍ତନ ସମିତି ସଭ୍ୟ ବ୍ରହ୍ମାନନ୍ଦ ପଡ଼ିହାରୀ, ପ୍ରଫୁଲ୍ଲ ସାମଲ ଓ ପ୍ରଫୁଲ୍ଲ ଜେନା ପ୍ରମୁଖ ଶୋକପ୍ରକାଶ କରିଛନ୍ତି।



# ବ୍ୟାସନଗର ପୂର୍ତ୍ତ ବିଭାଗ ରାସ୍ତା ସାରା ଗାତ

■ ପିସି କାରବାରରୁ ଅବହେଳା, ଦୁର୍ନୀତି ବଢ଼ୁଛି
■ ପ୍ରତିଦିନ ଘଟୁଛି ଛୋଟ ବଡ଼ ଦୁର୍ଘଟଣା

ଯାଜପୁର,୨୬।୯(ହର୍ଷବର୍ଦ୍ଧନ ବେହେରା):

ପ୍ରଶାସନରେ ସ୍ୱଚ୍ଛତା ଏବଂ ପରସେଣ୍ଟ (ପିସି) ରାଜର ଅବସାନ ପାଇଁ ରାଜ୍ୟ ସରକାର ସ୍ଲୋଗାନ ଦେଇ ଚାଲିଥିବାବେଳେ ଏହାର ବିପରୀତ ଦୃଶ୍ୟ ଯାଜପୁର ଜିଲା ପାଣିକୋଇଲି ରାସ୍ତା ଏବଂ କୋଠାବାଡ଼ି ତଥା ପୂର୍ତ୍ତ ବିଭାଗରେ ଦେଖିବାକୁ ମିଳୁଛି। ମଞ୍ଜୁର ଅର୍ଥରୁ ସିଂହଭାଗ ପିସି ଆକାରରେ ବାଟମାରଣା ହୋଇଯାଉଛି ବୋଲି ଅଭିଯୋଗ ହେଉଛି। ଫଳରେ ବିଭିନ୍ନ ରାସ୍ତା ନିର୍ମାଣ ଅତି ନିମ୍ନମାନର ହେଉଥିବାରୁ ବର୍ଷକ ମଧ୍ୟରେ ତାହା ମରଣଯନ୍ତା ପାଲଟୁଛି। ଗ୍ରାମାଞ୍ଚଳ ନୁହେଁ ବ୍ୟାସନଗରର ପୌର ପରିଷଦ ରାସ୍ତାରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଏହି ସହରର ଗୋଶାଳା ଠାରୁ ବ୍ୟାସ ସରୋବର ଛକ ପର୍ଯ୍ୟନ୍ତ ପ୍ରାୟ ୧ କି.ମି. ରାସ୍ତାରେ ଶତାଧିକ ଛୋଟବଡ ଖାଲ ସୃଷ୍ଟି ହୋଇଛି। ଏପରି କି କେତେକ ସ୍ଥାନରେ ଛୋଟ ପୋଖରୀ ଭଳି ଚିତ୍ର ଦେଖିବାକୁ ମିଳିଛି। ଉକ୍ତ ରାସ୍ତା ଦେଇ ମୁଣ୍ଡୋମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,



ବ୍ୟାସନଗର ସହର ଗୋଶାଳା ରାସ୍ତାର ଦୁରବସ୍ଥା।

ଇନ୍ଦିରା ଗାନ୍ଧୀ ମହିଳା କଲେଜ, ଏନ.ସି. ହାଇସ୍କୁଲ, ବାଳିକା ହାଇସ୍କୁଲ, ଜେମ୍ସ ଆଦି ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନକୁ ଛାତ୍ରୀଛାତ୍ରମାନେ ପ୍ରତିଦିନ ଯାତାୟତ କରୁଛନ୍ତି। କିନ୍ତୁ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ରାସ୍ତା ଏବେ ଛାତ୍ରୀଛାତ୍ରଙ୍କ ପାଇଁ ବିପଦସଙ୍କୁଳ ହୋଇ ପଡିଛି। ଏହାବାଦ୍ ରସୁଲପୁର ବ୍ଲକ ଯୋକଡିଆ ଅଞ୍ଚଳରୁ ବ୍ୟବସାୟୀମାନେ ବ୍ୟାସନଗର ସହରକୁ ପ୍ରତିଦିନ ବ୍ୟବସାୟ କରିବାକୁ ଆସି ବିପର୍ଯ୍ୟୟ ରାସ୍ତାରେ ପଡି ଆହତ ହେଉଥିବା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ ଏହି ବିଭାଗରେ ନିରୂପିତ ଅର୍ଥରୁ ପ୍ରାୟ ୧୫ ପ୍ରତିଶତ କମ(ଲେସ)ରେ ଟେଣ୍ଡର ଭରିଲେ କାମ ମିଳେ। ଏହାବାଦ୍ ଅଧୀକ୍ଷଣ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, କିରାଣୀ ପ୍ରମୁଖ ମିଶି ୨୦%ରୁ ଅଧିକ ପିସି ନେଇଥାନ୍ତି। ଏଭଳି ଭାବେ ମଞ୍ଜୁର ଅର୍ଥରୁ ପ୍ରାୟ ୩୫% କମ୍ ଓ ପିସି ଆକାରରେ ଯାଉଥିବାରୁ ନିମ୍ନମାନର କାର୍ଯ୍ୟ ପ୍ରମୁଖ କାରଣ ବୋଲି ଅଭିଯୋଗ ହୋଇଛି। ଏହାବାଦ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା ଏବଂ ଅବହେଳା କାରଣରୁ ନିର୍ଦ୍ଧାରିତ ସମୟରେ ଅଧିକାଂଶ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ବିଭାଗୀୟ ଯନ୍ତ୍ରୀମାନଙ୍କ ସହଯୋଗରେ କେତେଜଣ ନିର୍ଦ୍ଦିଷ୍ଟ ଠିକାଦାର ପୂର୍ତ୍ତ ବିଭାଗର ଉନ୍ନୟନ ଅର୍ଥକୁ ହଡପ କରୁଥିବା ଅଭିଯୋଗ ହେଉଛି। ଏହି କ୍ରମରେ ବ୍ୟାସନଗରର ପ୍ରତ୍ୟେକ ଗଳିକନ୍ଦି ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରଶାସନିକ ଅଧିକାରୀମାନେ ନିୟମିତ ବ୍ୟବଧାନରେ ବୈଠକ କରି ଚାକଚକ୍ୟ ସହର ଗଢି ତୋଳିବାକୁ ପ୍ରତିଶ୍ରୁତି ଦେଇ କେବଳ ସହରବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ଗତବର୍ଷ ଓ ଚଳିତବର୍ଷ ଗ୍ରୀଷ୍ମ ଋତୁରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସହରର ମୁଖ୍ୟ ରାସ୍ତାଗୁଡିକର ନବୀକରଣ କରାଯାଇଥିବାବେଳେ ଏବେ ଅଗଷ୍ଟ ଓ ସେପ୍ଟେମ୍ବର ବର୍ଷାରେ ଧୋଇଯାଇଛି। ସହରର କେଉଁ ରାସ୍ତା ଭଲ ଅଛି ବୋଲି ଦୃଷ୍ଟାନ୍ତ ଦିଆଯାଇପାରିବ ନାହିଁ। ସହରର ଅନେକ ରାସ୍ତା ବହୁ ଖାଲଢିପ ହୋଇଛି ଓ ବଜୁରୀ ବିଛା ରାସ୍ତା ଭଳି ଦେଖାଯାଉଛି। ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ବ୍ୟାସସରୋବର ରାସ୍ତାର ଉନ୍ନତିକରଣ ହୋଇପାରିନାହିଁ। ଖାଲଢିପରେ ଭର୍ତ୍ତି ଏହି ରାସ୍ତା ଉପରେ ସାଇକେଲ, ବାଇକ୍ କିମ୍ବା କାର ଚଳାଚଳ ମଧ୍ୟ ବିପଦଶଙ୍କୁଳ ହୋଇଛି। ଏହାବାଦ୍ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ଚୋର୍ଦ୍ଦା ଛକ ରାସ୍ତା କେବେ ବି ସୁଧୁରି ପାରିନାହିଁ। ସହରରେ ଏମିତି ୱାର୍ଡ ନାହିଁ ଯେଉଁଠି ରାସ୍ତା ଓ ଡ୍ରେନ ସମସ୍ୟା ନାହିଁ। ଜିଲା ବାହାରର ଆଗନ୍ତୁକ ତଥା ପର୍ଯ୍ୟଟକମାନେ ବ୍ୟାସନଗର ସହରର ଏପରି ଅବସ୍ଥାକୁ ଦେଖିଲେ ବିଭିନ୍ନ ନକରାତ୍ମକ ମତ ପୋଷଣ କରୁଛନ୍ତି। ସ୍ଥାନୀୟ ବାସିନ୍ଦା ବାରମ୍ବାର ଏ ସମ୍ପର୍କରେ ପୌର କର୍ତ୍ତୃପକ୍ଷ ଓ ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଉଥିଲେ ସୁଦ୍ଧା କିଛି ସୁଫଳ ମିଳି ପାରୁନାହିଁ।

ଏ ସଂକ୍ରାନ୍ତରେ ବ୍ୟାସନଗର ପୂର୍ତ୍ତ ବିଭାଗର ଯନ୍ତ୍ରୀ ତାପସ କୁମାର ପୃଷ୍ଟିଙ୍କୁ ପଚାରିବାରେ ସେ କହିଛନ୍ତି, ସେହି ରାସ୍ତା କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଖୁବ୍ ଶୀଘ୍ର କାମ ଆରମ୍ଭ ହେବ।

### ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

ବରୀ,୨୬।୯(ମହେନ୍ଦ୍ର ସ୍ୱାଇଁ):

ବରୀ-ରାମଚନ୍ଦ୍ରପୁର ଥାନା ଶଙ୍ଖାରିଗଡ଼ା ଛକରେ ରହୁଥିବା ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଶଙ୍ଖାରିଗଡ଼ା ଛକରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ଏନେଇ ଥାନାରେ ଏକ ମାମଲା ନଂ.୫୨୨।୨୪ ରୁଜୁ ହୋଇଥିବା ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ସୂଚନା ଦେଇଛନ୍ତି।

### ଗାନ୍ଧୀ ଜୟନ୍ତୀରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଛତିଆ,୨୬।୯(ସୌମ୍ୟ ରଞ୍ଜନ ସାହୁ):

ଗାନ୍ଧୀ ଜୟନ୍ତୀଠାରୁ ବଡ଼ଚଣା ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଛତିଆ ଅମରାବତୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ମିନତି ସେନାପତି, ବିଜେଡି ନେତା ରାଜନାରାୟଣ ମହାପାତ୍ର, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ବିଭାଷ ଚନ୍ଦ୍ର ନନ୍ଦ, ବାସୁଦେବ ସ୍ୱାଇଁ ଓ ମାଧବାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ। ଛତିଆ ସରପଞ୍ଚ ରମେଶ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ବେଆଇନ ବ୍ଲାଷ୍ଟିଂ, ଚାଷ ଜମି କ୍ଷତିଗ୍ରସ୍ତ



ଜେନାପୁର,୨୬।୯(ଅଶୋକ ଦାସ):

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଶୀତ କାକର, ଖରା ବର୍ଷାକୁ ଖାତିର ନ କରି ଚାଷୀ ଧାର କରଜ କରି ପାହାଡ଼ ଘେରା ଜମିରେ ଚାଷ କରୁଛି। କିନ୍ତୁ ପଥର ଖାଦାନରେ ଅନବରତ ବ୍ଲାଷ୍ଟିଂ ଯୋଗୁ ଚାଷ ଜମି କ୍ଷତିଗ୍ରସ୍ତ ହେଉଥିବା ଚାଷୀ ମହଲରେ ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ପାହାଡ଼ ବ୍ଲାଷ୍ଟିଂ ପାଇଁ ବ୍ୟବହୃତ ହେଉଥିବା ବିଷାକ୍ତ ରସାୟନ ଯୁକ୍ତ ଧୂଳି ଧୂଆଁ, ପାଣି ମାଡି ଫସଲ ନଷ୍ଟ କରୁଥିବା ସହ ବଡ ପଥର ଖଣ୍ଡ ଚାଷ ଜମିରେ ପଡୁଛି। ଚାଷୀମାନେ ଏ ସବୁ ଦେଖି ଦୁଃଖରେ ଭାଙ୍ଗି ପଡୁଛନ୍ତି। ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି ଅଞ୍ଚଳରେ ପଥର ଚାଲାଣ କରୁଥିବା ବ୍ୟବସାୟୀଙ୍କ ଏଭଳି ବେଆଇନ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କ ଦୌରାତ୍ମ୍ୟରେ ସ୍ଥାନୀୟ ଅଞ୍ଚଳର ଚାଷୀ ବି ବାଦ ପଡି ନାହାନ୍ତି। ପାହାଡ଼ରୁ ପଥର ଉତ୍ତୋଳନ କରିବା ପାଇଁ ପଥର ଖାଦାନରୁ ପାଣି ନିଷ୍କାସନ କରି ଚାଷ ଜମିକୁ ଛାଡି ଦେଉଛନ୍ତି। ତାହା ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀଙ୍କ ନିଦ ହଜାଇ ଦେଇଛି। ଫସଲ ଅମଳ ପୂର୍ବରୁ ଚାଷୀମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ବିଲ ବାଛିଲା ବେଳେ ବଡ଼ ବଡ଼ ପଥର ଖଣ୍ଡ ପଡି ଚାଷ ଜମି କାଦୁଅରେ ପୋତି ହୋଇ ଯାଇଥିବା ଚାଷୀମାନେ କହିଛନ୍ତି। ଏଥିପାଇଁ ମୂଲିଆଙ୍କ ଗୋଡ ହାତ ଖଣ୍ଡିଆ ଖାବରା ହେଉଥିବା ଦେଖିବାକୁ ମିଳିଛି। ଏନେଇ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଫଳରେ ସ୍ଥାନୀୟ ରେଖିଦେଇପୁର, କଣ୍ଟାପାଟଣା, ପାଇକରାପୁର, କଦମ୍ବପାଟଣା ଓ ତଳଗଡ଼ ଅଞ୍ଚଳର ବହୁଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ନିଜ ପରିଶ୍ରମର ଫଳକୁ ଘରକୁ ଆଣିବା ପାଇଁ ଚାଷୀ ଅଣ୍ଟା ଭିଡୁଥିବା ବେଳେ ପଥର ଚାଲାଣକାରୀମାନେ ବାରମ୍ବାର ଚାଷୀଙ୍କୁ ହଇରାଣରେ ପକାଇ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଚାଷୀ ଅକ୍ଷୟ ସେଠୀ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳ ମିଳି ନହିଁ। ତେଣୁ ତୁରନ୍ତ ଜିଲାପାଳ ଏହି ସମସ୍ୟାର ସମାଧାନ କରିବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି।

### ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ

ଯାଜପୁରରୋଡ୍,୨୬।୯ (ପବିତ୍ର ରଞ୍ଜନ ମହାନ୍ତି):

ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ୧୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଯାଜପୁରରୋଡ୍ ଡାକବଙ୍ଗଳାସ୍ଥିତ ଦିବ୍ୟ ଜୀବନ ସଂଘ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯାଜପୁରରୋଡ୍ ଶାଖାର ସମ୍ପାଦକ ଡା. ଅନ୍ତର୍ଯ୍ୟାମୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶାଖାର ସମସ୍ତ ଅନୁଗାମୀ ଭଉଣୀଭାଇ ଯୋଗଦେଇ ସହର ପରିକ୍ରମା କରି ଆଶ୍ରମରେ ପହଞ୍ଚିଥିଲେ। ପରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ମୋଟ୍ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହାପରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ସ୍ୱାମୀଜୀଙ୍କ ପାଦୁକା ସେବା, ଗୁରୁପୂଜନ, ଗୁରୁ ବନ୍ଦନା ଓ ଭଜନ କୀର୍ତ୍ତନ କରାଯାଇଥିଲା। ମଧ୍ୟାହ୍ନରେ ନାରାୟଣ ସେବା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ସତସଙ୍ଗରେ କେନ୍ଦ୍ରାପଡ଼ା ଦିବ୍ୟ ସଦନର ସଭାପତି ଦିବ୍ୟାସ୍ୱରୂପାନନ୍ଦ ମତାଜୀ ଯୋଗଦେଇ ଗୁରୁଜୀଙ୍କ ଦିବ୍ୟ ଚେତନା ବାଣୀ ଓ ସମାଜ ସେବା ବ୍ରତୀକୁ ପାଥେୟ କରିପାରିଲେ ଆଦର୍ଶ ମନୁଷ୍ୟ ହେବା ସହ ଈଶ୍ୱର ସାନିଧ୍ୟ ଲାଭ କରିପାରିବା ବୋଲି କହିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂଘର ବରିଷ୍ଠ ସଭ୍ୟ ନରେନ୍ଦ୍ର କୁମାର ଖୁଣ୍ଟିଆ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨୮ରେ ଅଂଶୁମାନ ମେମୋରିଆଲର ସ୍ୱାସ୍ଥ୍ୟମେଳା

ଧର୍ମଶାଳା/କାଏମା,୨୬।୯ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):

ଧର୍ମଶାଳାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୨୮ ତାରିଖରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ଦୀନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଉପଲକ୍ଷେ ହେବାକୁ ଥିବା ଏହି ଶିବିରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବେ। ଅତିଥି ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ସଭାପତି ଗୌତମ ରାୟ, ବ୍ରହ୍ମଗିରି ବିଧାୟିକା ଉପାଶନା ମହାପାତ୍ର, ବଡ଼ଚଣା ବିଧାୟକ ଅମର ନାୟକ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେବେ।

ଶିବିରରେ ସ୍ତ୍ରୀ ରୋଗ, ଶିଶୁରୋଗ, ଡାଇବେଟିସ, ଅସ୍ଥିଶଲ୍ୟ ଓ ମେଡିସିନ ଆଦି ବିଭାଗର ଅଭିଜ୍ଞ ଡାକ୍ତରମାନେ ଯୋଗଦେଇ ରୋଗ ପରୀକ୍ଷା କରିବା ସହିତ ଟ୍ରଷ୍ଟ ପକ୍ଷରୁ ରୋଗୀଙ୍କୁ ମାଗଣା ଔଷଧ ପ୍ରଦାନ କରିବେ। ଏନେଇ ଧର୍ମଶାଳା ବ୍ଲକ କୁମାରୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଧର୍ମଶାଳା ବିଧାୟକ ତଥା ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ସାହୁ ଏହି ସୂଚନା ଦେଇଛନ୍ତି। ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଔଷଧ ନେବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି।




ଖବରଦାତା ସମ୍ମିଳନୀରେ ବିଧାୟକ ହିମାଂଶୁ ଶେଖର ସାହୁ ଓ ଅନ୍ୟମାନେ।

### ଘରୁ ବାଇକ୍ ଚୋରି

ଢେଙ୍କିକୋଟ,୨୬।୯(ନୀଳମଣି ମଣ୍ଡଳ):

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ରାଇବଣ ସାହିରୁ ବୁଧବାର ଏକ ବାଇକ ଚୋରି ହୋଇଛି। ସାହିର ଗୋବିନ୍ଦ ଚନ୍ଦ୍ର ନାୟକ ସବୁଦିନ ଭଳି ନିଜ ଘର ଅଗଣାରେ ତାଙ୍କର ୟାମା ବାଇକ(ନଂ.ଓଆର-୦୯-ଏନ-୪୦୧୩)କୁ ରଖି ଶୋଇଥିଲେ। ସକାଳୁ ଉଠି ଘରେ ବାଇକ ନ ଥିବା ଦେଖିଥିଲେ।

## ଜାତିଆଣ ଆକ୍ଷେପ, ମାଡ଼ ମାମଲାରେ ପୋଲିସ ଚୁପ୍

**କାର୍ଯ୍ୟାନୁଷ୍ଠାନ ଦାବିରେ ଏସପିଙ୍କ ଦ୍ୱାରସ୍ଥ ଅଭିଯୋଗକାରୀଙ୍କ ପରିବାର**

ପାଣିକୋଇଲି,୨୬।୯(ବିକାଶ ମଲ୍ଲିକ):

ଜାତିଆଣ ଆକ୍ଷେପ ସହ ମାଡ଼ମାରିବା ଅଭିଯୋଗରେ କୋରେଇ ପୋଲିସ କେବଳ ମାମଲା ରୁଜୁ କରି ହାତବାନ୍ଧି ବସିଛି। ଏନେଇ ପୀଡ଼ିତଙ୍କ ପରିବାର ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସପିଙ୍କ ନିକଟରେ ଦାବି କିରଛନ୍ତି। ଅଭିଯୋଗ ମୁତାବକ, ଗତ ୨୨ତାରିଖରେ ଝୁମ୍ପାଣ ଗ୍ରାମର ସୁଶାନ୍ତ ସେଠୀ ନଗୁଆ ଛକରେ ବାଇକରେ ତେଲ ପକାଉଥିବାବେଳେ ଅଞ୍ଚଳର ବନମାଳୀ ସାହୁ ଓରଫ ଧୁକୁଡୁ ତାଙ୍କୁ ଜାତିଆଣା ମନ୍ତବ୍ୟ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସୁଶାନ୍ତ ପ୍ରତିବାଦ କରିବାରୁ ବନମାଳୀ ତାଙ୍କୁ କଲର ଭିଡି ମାଡ ମାରିଥିଲେ। ଏପରି କି ସୁଶାନ୍ତ ଓ ତାଙ୍କ ବାପା ରାଜେନ୍ଦ୍ର ସେଠୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଶୁସାନ୍ତ କୋରେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୩୫୮/୨୪ ରୁଜୁ କରିଥିଲା। ଏହାର ତଦନ୍ତଭାର ଜଣେ ଡିଏସପିଙ୍କୁ ଦିଆଯାଇଛି। ମାତ୍ର ଘଟଣାର ୪ ଦିନ ବିତିଯାଇଥିଲେ କୌଣସି ତଦନ୍ତ କରାଯାଇନାହିଁ। ସୁଶାନ୍ତଙ୍କ ବାପା ରାଜେନ୍ଦ୍ର ଓ ଦଳିତ ସେଲର ଜିଲା କାର୍ଯ୍ୟକାରୀ ସଭାପତି ପ୍ରତାପ ଦାସ ଏବଂ କୋରେଇ ବ୍ଲକ ସଭାପତି ସହଦେବ ଜେନା ପ୍ରମୁଖ ଏସ୍‌ପିଙ୍କୁ ଭେଟି ଏହି ମାମଲାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ କୋରେଇ ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଅଭିଯୋଗକାରୀଙ୍କ ପରିବାର ଓ ଅନ୍ୟମାନେ।

## ଫସଲ ବିବିଧକରଣ ଜ୍ଞାନ ଆହରଣ ପାଇଁ ପରାମର୍ଶ

ରସୁଲପୁର,୨୬।୯(ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ଓ ନଠୁଆବର ପଞ୍ଚାୟତରେ ବୃହତ ଉଠାଜଳସେଚନ ଅଞ୍ଚଳରେ ଫସଲ ବିବିଧକରଣ ଯୋଜନା ସମ୍ପର୍କରେ କୃଷକ ପ୍ରଶିକ୍ଷଣ ଓ ଦକ୍ଷତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୋଟକା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସରପଞ୍ଚ ସ୍ମୃତିରେଖା ରାଉତ ଉଦ୍‌ଘାଟନ କରି ଫସଲ ବିବିଧକରଣ ଯୋଜନା ସମ୍ପର୍କିତ ବିଭିନ୍ନ ଜ୍ଞାନକୌଶଳକୁ ଆହାରଣ କରିବାକୁ ପରାମର୍ଶ ଦେଇଥିଲେ। ଅଧିକ ଶସ୍ୟ ଉତ୍ପାଦନ ସହ ଫସଲକୁ ରୋଗପୋକ ମୁକ୍ତ କରିବା ପାଇଁ କେଉଁ ପଦ୍ଧତି ଆପଣେଇବାକୁ ହେବ ସେ ସମ୍ପର୍କରେ ସମ୍ବଳ ଅଧିକାରୀଙ୍କଠାରୁ ବୁଝି କାର୍ଯ୍ୟରେ ଲଗାଇବାକୁ ଆଶାବ୍ୟକ୍ତ କରିଥିଲେ। ଗଙ୍ଗୋତ୍ରୀ ସାମାଜିକ ସଂଗଠନର ଉପଦେଷ୍ଟା ଅନୁସୟା ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଳ ଅଧିକାରୀ ଭାବରେ ସିଡିପି-ଏମଏଲଆଇପି(କର୍ପ ଡାଇଭର୍ସିଫିକେସନ ପ୍ଲାନ ଅଣ୍ଡର ମେଗା ଲିଫ୍ଟ୍ ଇରିଗେସନ୍ ପ୍ରୋଜେକ୍ଟ) ଅର୍ଥାତ ବୃହତ ଉଠା ଜଳସେଚନ ଅଞ୍ଚଳରେ ଫସଲ ବିବିଧକରଣ ଯୋଜନାର ଜିଲା ପରିଚାଳକ ସ୍ୱେତଞ୍ଜୟ ଦାସ, ଅବସରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର ମାହାପାତ୍ର ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ଫସଲ ବିବିଧକରଣ ସମ୍ପର୍କରେ ବୁଝାଇଥିଲେ। ଅଣଧାନ ଫସଲ ଉପରେ ଗୁରୁତ୍ୱ ଦେଲେ କ୍ଷେତର ଉର୍ବରତା ବଢ଼େ, ପରବର୍ତ୍ତୀ ଋତୁରେ ଅନ୍ୟ ଫସଲରେ ଉନ୍ନତ ଉତ୍ପାଦନରେ ସହାୟକ ହୁଏ। ଚାଷୀ ଗୋଟିଏ ଫସଲକୁ ସମାନ କ୍ଷେତରେ କଲେ ଉତ୍ପାଦନ କମିବା ସହ ଜମିର ଉର୍ବରତା କମିଯାଏ। ଏହାଛଡ଼ା କ୍ଷେତରେ ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର କରିବା ଉପରେ ଚାଷୀମାନେ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ରୋଗପୋକ ନିୟନ୍ତ୍ରଣ ଉପରେ ଚାଷୀ ସଚେତନ ହୋଇପାରିଲେ ଅଧିକ ଶସ୍ୟ ଅମଳ ହୋଇପାରିବ। ଚାଷୀ କେଉଁ ସବୁ ଉପାୟ ଅବଲମ୍ବନ କରିବାକୁ ହେବ ସେ ଦିଗରେ ଅଧିକାରୀମାନେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇ କହିଥିଲେ।

ସେହିପରି ରସୁଲପୁର କ୍ଲଷ୍ଟର ଅଧୀନ ନଠୁଆବର ପଞ୍ଚାୟତର ଆଦମପୁର ଗ୍ରାମରେ ସମ୍ବଳ ଅଧିକାରୀମାନେ ପହଞ୍ଚି ଚାଷୀମାନଙ୍କୁ ବୃହତ ଉଠାଜଳସେଚନ ଫସଲ ବିବିଧକରଣ ସମ୍ପର୍କରେ ବୁଝାଇବା ସହ ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମରେ ୫୦ଜଣ ଲେଖାଏ ଚାଷୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। କୃଷକ ସାଥୀ, ଉଦ୍ୟାନସାଥିମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂଗଠନର ସୁପରଭାଇଜର ସୂର୍ଯ୍ୟକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

**କୃଷକ ପ୍ରଶିକ୍ଷଣ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ**




କାର୍ଯ୍ୟକ୍ରମରେ ଯୋଗଦେଇଥିବା ସରପଞ୍ଚ ଓ ଅଧିକାରୀ।

## ସଂକ୍ଷେପରେ

### ମା' ସିଦ୍ଧିଦାତ୍ରୀଙ୍କ ମାହେଶ୍ୱରୀ ବେଶ



ନାଉଗାଁ, ୨୬।୯ (ସୁଧା ବେହୁରା)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପ୍ୟୋସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ଗୁରୁବାର ଷୋଡ଼ଶ ଦିନାତ୍ମକ ଶାରଦୀୟ ଦୁର୍ଗାପୂଜାର ୨ୟ ଦିବସରେ ମା'ଙ୍କୁ ମାହେଶ୍ୱରୀ ବେଶରେ ସୁସଜ୍ଜିତ କରାଯାଇଥିଲା। ଉକ୍ତ ବେଶକୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଆଶ୍ରମର ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସମେତ ଆଶ୍ରମବାସୀ ପରିଚାଳନା କରିଥିଲେ। ମା'ଙ୍କର ଶାରଦୀୟ ପୂଜା ଓ ବେଶ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା।

### ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ଅନୁକୂଳ

ପାଟକୁରା, ୨୬।୯ (ରବୀନ୍ଦ୍ରନାଥ ବାରିକ)

ପାର୍ବଣ ଆଗମନ ବା ଦଶହରା ପାଇଁ ଗରଦପୁର ବ୍ଲକରେ ବିଭିନ୍ନ ପୂଜା ମଣ୍ଡପରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଜଗଜ୍ଜନନୀ ମା' ଦୁର୍ଗାଙ୍କ ଧରାବତରଣ ପାଇଁ ସମସ୍ତେ ତତ୍ପର ସହ ଅଞ୍ଚଳରେ ଉତ୍ସାହ ଦେଖିବାକୁ ମିଳିଲାଣି। ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଁ ରୀତିନୀତି ଅନୁଯାୟୀ ସୁନିଆ ଅବସରରେ ନଦୀରୁ ମାଟି ଅନୁକୂଳ ହୋଇଛି। ହରିପୁର ଗ୍ରାମର ମା' ସିଂହବାହିନୀ ଦୁର୍ଗା ପୂଜା କମିଟି ପକ୍ଷରୁ ମଙ୍ଗଳବାର ନିକଟସ୍ଥ ଚିତ୍ରୋତ୍ପଳା ନଦୀରୁ ପାରମ୍ପରିକ ନୀତି ଅନୁଯାୟୀ ସଂକୀର୍ତ୍ତନ ମଣ୍ଡଳୀ ସହ ମହିଳାଙ୍କ ହୁଳହୁଳି ଶବ୍ଦରେ ପଣ୍ଡିତ ପୂଜାର୍ଚ୍ଚନା କରିବା ପରେ ମାଟି ଅନୁକୂଳ କରାଯାଇ ମଣ୍ଡପକୁ ଅଣାଯାଇଛି। ଏହି ଅବସରରେ ବିଜୟ କୁମାର ଷଡଙ୍ଗୀ, ଦିବାକର ଲେଙ୍କା, ପ୍ରହ୍ଲାଦ କୁମାର ନାୟକ, ସରୋଜକାନ୍ତ ନାୟକ, ଶଶଧର ଲେଙ୍କା, ଶରତ ମୁଦୁଲି, ରମେଶ ଚନ୍ଦ୍ର ଦାସ, ରାଜକିଶୋର ଜେନା, ସୌମ୍ୟ ରଞ୍ଜନ ଦାସଙ୍କ ସମେତ ଗ୍ରାମର ସମସ୍ତ ମହିଳା ଓ ଗ୍ରାମବାସୀ ସାମିଲ ହୋଇ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଆଗେଇ ନେଇଛନ୍ତି। ସେହିପରି ତଳକୁସମା, କଳାବୁଦା, ଗୋବିନ୍ଦପୁର, ବାରୁଣୀ ପଡିଆ, ପାଟକୁରା, ଗରଦପୁର, ସିର୍ଙ୍ଗିଟିଆ, ହୁରାସାହି, ଗଜିପୁର, ନାଗଣପୁର, ବନ୍ତଳା, ଅର୍ଜୁନପୁର, ବିଚଣା, ସବଳସିଂହପୁର ସମେତ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ଆଗମନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

# ୨ ମାଛଧରା ବୋଟ୍‌କୁ ଉଦ୍ଧାରକଲା ବନ୍ଦର ଟଗ୍ ବୋଟ

ପାରାଦୀପ, ୨୬।୯ (ଶରତ ରାଉତ)

ପାରାଦୀପ ମାଛଧରା ବନ୍ଦର ସଂଲଗ୍ନ ମହାନଦୀ ମୁହାଣ ଲଘୁଚାପ ଯୋଗୁ ଅଶାନ୍ତ ହୋଇଯାଇଛି। ଗୁରୁବାର ସମୁଦ୍ରରୁ ମାଛ ଧରି ପୋତାଶ୍ରୟକୁ ଫେରିବା ବେଳେ ମୁହାଣ ନିକଟରେ ଏକ ମାଛଧରା ବୋଟ୍ ବିପଦରେ ପଡ଼ିଥିଲା। ଏହାପରେ ତାକୁ ଉଦ୍ଧାର କରିବାକୁ ଯାଇଥିବା ବୋଟ୍ ମଧ୍ୟ ବିପଦରେ ପଡ଼ିଯାଇଥିଲା। ଉଭୟ ମାଛଧରା ବୋଟକୁ ସୁରକ୍ଷିତ ଭାବେ ପାରାଦୀପ ବନ୍ଦର ଟଗ୍ ବୋଟ୍ ଉଦ୍ଧାର କରିଛି। ଉଭୟ ବୋଟ୍ ଏବେ ପାରାଦୀପ ବନ୍ଦର ପୋତାଶ୍ରୟରେ ଅଛନ୍ତି।

ପାରାଦୀପର ଧର୍ମସାକ୍ଷୀ-୨ ନାମକ ବୋଟ୍ ମଧ୍ୟାହ୍ନରେ ମାଛଧରା ବନ୍ଦର ଭିତରକୁ ଆସୁଥିଲା। ମୁହାଣ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ତାହା ଅଟକି ରହିଥିଲା। ତାକୁ ସେହି ମାଲିକଙ୍କ ଆଉ ଏକ ବୋଟ୍ ଧର୍ମସାକ୍ଷୀ-୩ ଉଦ୍ଧାର କରିବା ପାଇଁ ଯାଇଥିଲା। ଅଟକିଥିବା ବୋଟ୍‌କୁ ରଶି ଦ୍ୱାରା ଟାଣି ଆଣିବାବେଳେ ତାହା ଛିଡି ଯାଇଥିଲା। ଏଥିସହ ଛିଡ଼ା ରଶି ବୋଟ ପଙ୍ଖାରେ ଗୁଡ଼େଇ ହୋଇଥିଲା। ଫଳରେ ଦୁଇଟି ଯାକ ବୋଟ୍ ବିପଦରେ ପଡ଼ିଯାଇଥିଲା। ଉଭୟ



ବନ୍ଦର ଟଗ୍ ବୋଟ୍ ଦୁଇ ମାଛଧରା ବୋଟ୍‌କୁ ଟାଣି ଆଣୁଛି।

### ୧୨ ମତ୍ସ୍ୟଜୀବୀ ସୁରକ୍ଷିତ

ବୋଟ୍‌ରେ ୧୨ ଜଣ ମତ୍ସ୍ୟଜୀବୀ ଥିଲେ।

ଯେଉଁ ସ୍ଥାନରେ ବୋଟ ଅଟକି ଥିଲା ସେଠାକୁ କୋଷ୍ଟଗାର୍ଡ ଜାହାଜ ଯାଇପାରିବ ନାହିଁ। ମେରାଇନ୍ ପୋଲିସ ପାଟ୍ରୋଲିଂ ବୋଟ୍ ମୁହାଣରେ ଯିବାର କ୍ଷମତା ନାହିଁ। ସେଥିପାଇଁ ମତ୍ସ୍ୟବିଭାଗର ସହକାରୀ ନିର୍ଦ୍ଦେଶକ ତୁଷାରକାନ୍ତ ମହାପାତ୍ର ଓ ପାରାଦୀପ ଡିଏସ୍‌ପି ସନ୍ତୋଷ ଜେନା ପାରାଦୀପ ବନ୍ଦର ପ୍ରଶାସନର ସହଯୋଗ ଲୋଡ଼ିଥିଲେ। ଏହାପରେ ପାରାଦୀପର ଟଗ୍ ବୋଟ ତାରିଣୀ, ପାଇଲଟ୍ ବୋଟ୍ ଜଗନ୍ନାଥ ଓ ପାଟ୍ରୋଲିଂ ବୋଟ୍ ସାନଭି ଘଟଣା ସ୍ଥଳକୁ ଯାଇ ଉଭୟ ବୋଟ୍‌କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସେଥିରେ ମତ୍ସ୍ୟଜୀବୀମାନେ ସୁରକ୍ଷିତ ରହିଛନ୍ତି ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି।

# ୧.୨୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ: ଅଭିଯୁକ୍ତ ଗିରଫ

ଜଗତ୍‌ସିଂହପୁର, ୨୬।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ପୋଲିସର ସ୍ୱତନ୍ତ୍ର ଦଳ ବିଶେଷ ସୂତ୍ରରୁ ଖବରପାଇ ସ୍ଥାନୀୟ ଯୋଗଧାରୀସ୍ଥିତ ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡ ନିକଟରେ ଚଢ଼ାଉ କରିଛି। ଏହି ଅବସରରେ ୧୧.୧୫ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧.୨୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏଥିସହ ଏକ ମୋବାଇଲ ଫୋନ ଜବତ କରାଯାଇଛି। ଏହି ଅଭିଯୋଗରେ ଥାନା ଅନ୍ତର୍ଗତ ଅଭିଦାନନ୍ଦପୁର ଗ୍ରାମର ଗୁଡୁ ଓରଫ ପ୍ରକାଶ କୁମାର ସେଠୀ (୨୦)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଗୋକୁଳ ରଞ୍ଜନ ଦାଶ କହିଛନ୍ତି। ଏସ୍‌ଆଇ ଏସ୍.ଏସ୍.ଅଲିଙ୍କ ଅଭିଯୋଗ ଆଧାରରେ ଥାନାରେ ମାମଲା (ନଂ.୯୪୭/୨୪) ରୁଜୁ କରାଯାଇଛି।

# ପାରାଦୀପଗଡ଼ ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ଶିବିର

କୁଜଙ୍ଗ, ୨୬।୯ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ପାରାଦୀପଗଡ଼ ପଞ୍ଚାୟତ ଭବନ ପରିସରରେ ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ ସହାୟତାରେ ବୁଧବାର ପଞ୍ଚାୟତସ୍ତରୀୟ ମାଗଣା ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ସେବା ଶିବିରକୁ ଆଇନଜୀବୀ ସଞ୍ଜୟ ବେହେରା ଓ ସରପଞ୍ଚ ସସ୍ମିତା ବେହେରା ଉଦ୍‌ଘାଟନ କରିଥିଲେ। ଶିବିରରେ ଡାକ୍ତର ସମ୍ବିତ କୁମାର ସ୍ୱାଇଁ, ଡାକ୍ତର ତାରା ଶଙ୍କର ରଥ ଯୋଗଦେଇ ୩୦୬ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ଯୋଗାଇ ଦେଇଥିଲେ। ଏହାକୁ ଷ୍ଟାଫ୍ ନର୍ସ ରାଜଶ୍ରୀ ସ୍ମୃତିରେଖା ନାୟକ, ପୁଷ୍ପାଞ୍ଜଳି ସାମନ୍ତରାୟ, ଫାର୍ମାସିଷ୍ଟ ଏମ.ଡି. ଅପ୍ତବ ଆଲମ ଖାଁ, ରୁଦ୍ରରଶ୍ମି ନାୟକ, ସହାୟକ ଗୌରାଙ୍ଗ ମହାପାତ୍ର, ଜ୍ୟୋତି ରଞ୍ଜନ ସୁତାର ଓ ସଙ୍ଗଠକ ନିର୍ମଳ ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚନ୍ଦ୍ର ଶେଖର ଚୌଧୁରୀ, ପ୍ରଭାତ କୁମାର ସାହୁ, ରମେଶ ଚନ୍ଦ୍ର ବେହେରା, ଅଲେଖ ମହାରଥା, ପଞ୍ଚାନନ ମାଝି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଶିବିର ପଞ୍ଚାୟତର ବିଭିନ୍ନ ଗ୍ରାମରେ ନିୟମିତ ଭାବେ ଚାଲୁ ରହିବ ବୋଲି ସରପଞ୍ଚ ବେହେରା ପ୍ରକାଶ କରିଥିଲେ।

# ପାରାଦୀପ ବନ୍ଦର ପାଖରେ ଆନ୍ଧ୍ରର ବହୁ ମାଛଧରା ବୋଟ

## ଲଘୁଚାପ ପ୍ରଭାବ

ପାରାଦୀପ, ୨୬।୯ (ଶରତ ରାଉତ)

ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିଛି। ସମୁଦ୍ର ଗର୍ଭରେ ମାଛ ଧରିବାକୁ ଯାଇଥିବା ଆନ୍ଧ୍ରପ୍ରଦେଶର ଶତାଧିକ ବୋଟ ଗୁରୁବାର ସନ୍ଧ୍ୟା ସୁଦ୍ଧା ପାରାଦୀପ ବନ୍ଦର ପୋତାଶ୍ରୟ ନିକଟରେ ଆଶ୍ରୟ ପାଇଁ ପହଞ୍ଚିଛନ୍ତି। ସନ୍ଧ୍ୟାବେଳେ ସେମାନେ ବନ୍ଦର ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଅପରପକ୍ଷେ ବୁଧବାରଠାରୁ ଚାଲିଥିବା ଦୁଇ ଦିନିଆ



ସୁରକ୍ଷା ଟିମ୍ ଆନ୍ଧ୍ର ବୋଟ୍‌ଗୁଡ଼ିକୁ ଯାଞ୍ଚ କରାଯାଉଛି।

ଉପକୂଳ ମିଳିତ ସମରାଭ୍ୟାସ ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଛି। ସେହି ସୁରକ୍ଷା ଟିମ୍ ଆନ୍ଧ୍ରପ୍ରଦେଶର ବୋଟ୍‌ଗୁଡ଼ିକୁ ମଧ୍ୟ ଯାଞ୍ଚ କରିଛି। ଶେଷ ଖବର ଅନୁସାରେ କେତେକ ବୋଟ ବନ୍ଦର ପୋତାଶ୍ରୟ ମଧ୍ୟରେ ଥିବାବେଳେ ଆଉ କେତୋଟି ମହାନଦୀ ମୁହାଣ ପାଖ କାଉଡ଼ିଆ ନଦୀରେ ଆଶ୍ରୟ ନେଇଛନ୍ତି।

## ଡ୍ରେନ୍‌ରୁ ଷଣ୍ଢ ମୃତଦେହ ବାହାର କରି ସତ୍କାର କଲେ ଯୁବଗୋଷ୍ଠୀ

ପାରାଦୀପ, ୨୬।୯ (ଶରତ ରାଉତ)

ଦୁଇଦିନ ହେଲା ପାରାଦୀପରେ ଲଗାଣ ବର୍ଷା ଲାଗି ରହିଛି। ଏହାଦ୍ୱାରା ଅଧିକାଂଶ ଡ୍ରେନ୍‌ରେ ପାଣି ଭର୍ତ୍ତି ହୋଇଯାଇଛି। ଏଭଳିସ୍ଥିତିରେ ମଧୁବନ କେନ୍ଦ୍ରୀୟ ବିଦ୍ୟାଳୟ ପାଖ ଡ୍ରେନ୍‌ରେ ଗୁରୁବାର ଏକ ବୁଲା ଷଣ୍ଢ ଡ୍ରେନ୍‌ରେ ପଡ଼ିଯିବାରୁ ତା'ର ମୃତ୍ୟୁ ଘଟିଛି। ପାରାଦୀପ ନାଗରିକ ମଞ୍ଚର ଶାରଦା ନାୟକ ଓ ତାଙ୍କ ସାଥୀମାନେ ଏହା ଜାଣିବା ପରେ ଏକ ଜେସିବି ମେଶିନ ଆଣି ଉକ୍ତ ଡେନ୍‌ରୁ ଷଣ୍ଢର ମୃତଦେହ ବାହାର କରିବା ସହ ଏକ ଖୋଲା ଜାଗାରେ ଗାତକରି ସତ୍କାର କରିବା ସହ ପୋତି ଦେଇଛନ୍ତି।

## ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକଙ୍କ ପରଲୋକ

ନାଉଗାଁ, ୨୬।୯ (ସୁଧା ବେହୁରା)

ନାଉଗାଁ ବ୍ଲକ ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟ, ଘୋଡାଂଶର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଦ୍ୱିଜବର ପାଢ଼ୀଙ୍କର ପରଲୋକ ଘଟିଛି। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ଛାତ୍ରବତ୍ସଳ ଶିକ୍ଷକ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ଖବର ପାଇବା ପରେ ତାଙ୍କ ଶେଷ ଦର୍ଶନ କରିବାକୁ ସାରେଇକୂଳସ୍ଥିତ ବାସଭବନରେ ପୁରାତନ ଛାତ୍ର, ବୁଦ୍ଧିଜୀବୀମାନେ ପହଞ୍ଚି ଥିଲେ। ତାଙ୍କ ବିୟୋଗରେ ପର୍ଶୁରାମ ବାରିକ, ମଣ୍ଟି ଜେନା, ଶିଶିର କୁମାର ନାୟକ, ବଳରାମ ବାରିକ, ନିରଞ୍ଜନ ବେହୁରା, ବେଣୁଧର ସ୍ୱାଇଁ, ପ୍ରଶାନ୍ତ ବାରିକ, ଦୋଳ ଗୋବିନ୍ଦ ଲେଙ୍କା, ନୃସିଂହ ବଚରଣ ସ୍ୱାଇଁ, ରଶ୍ମି ରଞ୍ଜନ ରାଉତ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

# ବଜାରରେ ଟିଭିଏସ୍‌ର ଜୁପିଟର-୧୧୦



ଜଗତ୍‌ସିଂହପୁର, ୨୬।୯ (ପ୍ରମୋଦ କୁମାର ନାୟକ)

ଟିଭିଏସ୍ ମୋଟର କମ୍ପାନୀର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ହାଇବ୍ରିଡ ସ୍କୁଟର ଜୁପିଟର-୧୧୦ର ଅନାବରଣ ସହ ନିକଟରେ ବଜାର ପ୍ରବେଶ ହୋଇଛି। ଏହି ଆଧୁନିକ ଓ ଆକର୍ଷଣୀୟ ସ୍କୁଟରର ଏକାଧିକ ଫିଚର ଲୋକଙ୍କୁ ଆକର୍ଷିତ କରିବ ବୋଲି କମ୍ପାନୀର ଏରିଆ ମ୍ୟାନେଜର ଦୀପକ କୁମାର ମହାପାତ୍ର କହିଛନ୍ତି। କମ୍ପାନୀର ସ୍ୱୀକୃତିପ୍ରାପ୍ତ ଜଗତ୍‌ସିଂହପୁର ଜିଲା ଗୀତା ଶୋ'ରୁମ୍ ପରିସରରେ ସ୍କୁଟର ଶୁଭ ପ୍ରବେଶ ଅବସରରେ ମହାପାତ୍ର ଏହା କହିବାସହ କଲର ଏଲ୍‌ସିଡି ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର ବିଷୟରେ ଅବଗତ କରାଇଥିଲେ। ଏଥିସହ ବ୍ଲୁ ଟୁଥ୍ ସଂଯୋଗ, ଭଏସ୍ ଆସିଷ୍ଟ ଏବଂ ଜରୁରୀ ବ୍ରେକ୍ ସହାୟତା ସମେତ ଏହାର ଡିଜାଇନ୍, ଇଞ୍ଜିନ, ଷ୍ଟୋରେଜ୍ ଓ ପ୍ରାଇସ୍ ଆଦି ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଆୟୋଜିତ ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଭିଏସ୍ କ୍ରେଡିଟ ସର୍ଭିସେସ୍ ଏରିଆ ମ୍ୟାନେଜର ସୌରଭ ବାନାର୍ଜୀ, କମ୍ପାନୀ ଟେରିଟୋରି ମ୍ୟାନେଜର କୌଶଲ କୁମାର ସିଂ, ନିଲେଶ କୁମାର, ଅଙ୍କୁର କୁମାର, ଗୀତା ଟିଭିଏସ୍‌ର ସାଧାରଣ ପରିଚାଳକ ମିହିର କୁମାର ଶତପଥୀ, ସେଲ୍ସ ମ୍ୟାନେଜର ପ୍ରଭାତ କୁମାର ରାୟ, ସର୍ଭିସ ମ୍ୟାନେଜର ଅନୱାର ହୁସେନ ଓ ସେଲ୍ସ ଏକ୍‌ଜିକ୍ୟୁଟିଭ୍ ଲିପିକା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗୀତା ଟିଭିଏସ୍‌ର ମୁଖ୍ୟ ପରିଚାଳକ ସମୀର କୁମାର ଲେଙ୍କା ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ତାଜାରୁ ପାଣି ପଡ଼ିବାରୁ ବୃଦ୍ଧଙ୍କୁ ଆକ୍ରମଣ

ବାଲିକୁଦା, ୨୬।୯ (ତାପସ ସ୍ୱାଇଁ)

ଲଘୁଚାପ ବର୍ଷାରେ ପଡ଼ୋଶୀ ଘରର ତାଜା ପାଣି ଘରେ ପଡ଼ିବାକୁ ପ୍ରତିବାଦ କରିବାରୁ ବୃଦ୍ଧଙ୍କୁ ଗୁରୁବାର ଆକ୍ରମଣ କରାଯାଇଛି। ଆକ୍ରମଣରେ ବାଲିକୁଦା ଥାନା ବରମୁଣ୍ଡଳୀ ପଞ୍ଚାୟତ ବଘେଇପୁର ଗାଁର କାଳନ୍ଦୀ ଜେନାଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଛି। ଏ ନେଇ ଆହତ କାଳନ୍ଦୀଙ୍କ ପୁଅ ବିନୋଦ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବାପାଙ୍କ ଚିକିତ୍ସା କରାଇବା ସହିତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଲଘୁଚାପ ବର୍ଷା ହେତୁ ଉକ୍ତ ବରମୁଣ୍ଡଳୀ ଗାଁର ବିଷ୍ଣୁ ଜେନାଙ୍କ ଛାତ ଓ ତାଜାର ପାଣି ପଡ଼ୋଶୀ କାଳନ୍ଦୀଙ୍କ ଘରେ ପଡ଼ିଥିଲା। ଯାହାକୁ ନେଇ କାଳନ୍ଦୀ ବିଷ୍ଣୁଙ୍କ ପରିବାରଙ୍କୁ ପଚାରିଥିଲେ। ଏତିକିରେ ବିଷ୍ଣୁ ତାଙ୍କ ପୁଅ ବିଜୟ, ସାନଭାଇ ବିପିନ ଓ ସ୍ତ୍ରୀ ପୁଷ୍ପଲତା କାଳନ୍ଦୀଙ୍କ ଘର ସମ୍ମୁଖକୁ ଧାଇଁ ଆସି ବିଭିନ୍ନ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ପାଟି ଶୁଣି କାଳନ୍ଦୀ ନିଜ ଘରର ଫାଟକ ଖୋଲି ବାହାରକୁ ଆସିବା କ୍ଷଣି ଏକ ଫାର୍ସାରେ ବିଷ୍ଣୁ କାଳନ୍ଦୀଙ୍କୁ ଆକ୍ରମଣ କରିଥିଲେ। ବିପିନ ଧରିଥିବା ତଡ଼ାରେ ଗୁଡ଼େଇ ତୁଡ଼େଇ କାଳନ୍ଦୀଙ୍କୁ ମାଡ଼ ମାରିବା ସହ ପୂରା ପରିବାର କାଳନ୍ଦୀଙ୍କୁ ଲହୁଲୁହାଣ କରି ଦେଇଥିଲେ। ସ୍ୱାମୀଙ୍କୁ ମାଡ଼ ହେଉଥିବା ଦେଖି ସ୍ତ୍ରୀ ଚାରୁଲତା ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିବା ବେଳେ ଆକ୍ରମଣକାରୀମାନେ ତାଙ୍କୁ ମଧ୍ୟ ଛାଡ଼ି ନ ଥିଲେ। ଏହି ସଂଘବଦ୍ଧ ଆକ୍ରମଣରେ କାଳନ୍ଦୀଙ୍କର ଡାହାଣ ଗୋଡ଼ରେ ଆଘାତ ଲାଗିବା ସହ ସ୍ତ୍ରୀ ଚାରୁଲତା ମଧ୍ୟ ଆହତ ହୋଇଛନ୍ତି। ଖବରପାଇ ପୁଅ ବିନୋଦ ଘରେ ପହଞ୍ଚି କାଳନ୍ଦୀଙ୍କୁ ଆହତ ଅବସ୍ଥାରେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଜଣେ ଦିବ୍ୟାଙ୍ଗଙ୍କ ସହ ଡାକ୍ତର ଆଲୋଚନା କରୁଛନ୍ତି।

ନାଉଗାଁ, ୨୬।୯ (ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ଓ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୯୧ଟି ଆବେଦନପତ୍ର ପଞ୍ଜୀକୃତ କରାଯାଇଥିଲା। ଏଥିରେ ଅସ୍ଥିଶଲ୍ୟରେ ୪୫ଟି, ମାନସିକ ଅନଗ୍ରସରରେ ୧୮ଟି, ଚକ୍ଷୁରେ ୧୨ଟି, ବାକ୍, ଶ୍ରବଣ ଓ ଶକ୍ତିବାଧିତରେ ୧ଟି ଓ ସ୍ନାୟୁରେ ୧୫ଟି ପଞ୍ଜୀକୃତ କରାଯାଇଥିଲା। ଏଥିରେ ସମସ୍ତ ବିଭାଗର ଡାକ୍ତର ଯୋଗଦେଇ ରୋଗୀମାନଙ୍କୁ ପରୀକ୍ଷା କରିଥିଲେ। ଶିବିରରେ ବିଡିଓ ତପନ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହାସହ ନାମ ପଞ୍ଜୀକରଣ କରିଥିବା ଯୋଗ୍ୟ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ସରକାରଙ୍କ ଦ୍ୱାରା ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦିଆଯିବ ବୋଲି ବିଡିଓ ମହାପାତ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ ଓ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ଅନୁଭବ ଦାଶ ଯୋଗଦେଇ ଶିବିର ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଏବିଡିଓ ଦେବେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। ବ୍ଲକ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌରଜିତ ମହାପାତ୍ର ଶିବିରକୁ ପରିଚାଳନା କରୁଥିବାବେଳେ କନିଷ୍ଠ ସହାୟକ ଜ୍ଞାନରଞ୍ଜନ ପ୍ରଧାନ, ବ୍ୟକ୍ତିଗତ ସହାୟକ ପ୍ରସନ୍ନଜିତ ନାୟକଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ, ସମସ୍ତ ବ୍ଲକ କର୍ମଚାରୀ ଓ ଅଙ୍ଗନୱାଡି କର୍ମୀମାନେ ସହଯୋଗ କରିଥିଲେ।

# କାମ ଖରାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଶିଳ୍ପମନ୍ତ୍ରୀ

ଜଗତ୍‌ସିଂହପୁର, ୨୬।୯
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ସମ୍ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ ନିମ୍ନମାନର କାମ ଯୋଗୁ ଯୋଜନାର ବାସ୍ତବ ରୂପାୟନ ହୋଇପାରୁନାହିଁ। ବିଶେଷକରି ଠିକାଦାର, ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଏହି ପ୍ରସଙ୍ଗକୁ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି, ଯେଉଁ ଠିକାଦାରମାନେ କାମ ଖରାପ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏଥିସହ ନୂଆ କାମଗୁଡ଼ିକ ପ୍ରାଥମିକତା ଭିତ୍ତିରେ ତଦାରଖ ହେବା ଜରୁରୀ। ଜିଲାସ୍ତରୀୟ ଉନ୍ନୟନ ଏବଂ ପରିଚାଳନା କମିଟି ବୈଠକ (ଦିଶା)ରେ ଯୋଗଦେଇ ମନ୍ତ୍ରୀ ଏଭଳି କହିଛନ୍ତି।

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅନେକ ପ୍ରସଙ୍ଗ ସ୍ଥାନ ପାଇଥିଲା। ଜଗତ୍‌ସିଂହପୁର ସହରସ୍ଥିତ ୧୦ ନମ୍ବରରୁ ହାଟପୋଲ ରାସ୍ତାଟି ଅତୀତରେ ଜଗତ୍‌ସିଂହପୁର ଜଳସମ୍ପଦ ବିଭାଗ ଅଧୀନରେ ଥିଲା। କିଛିବର୍ଷ ହେବ ଏହି ରାସ୍ତାର ପୁନରୁଦ୍ଧାର ଓ ମରାମତି ବାବଦରେ ବହୁ ଅର୍ଥ ଖର୍ଚ୍ଚ କରାଯାଇଛି। ଏପରିକି ୩/୪ ବର୍ଷ ପୂର୍ବରୁ ୭୦ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା କାମ କରାଯାଇଥିଲା। କିନ୍ତୁ ନିମ୍ନମାନର




ବୈଠକରେ ଯୋଗଦେଇଥିବା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସ, ଜିଲାପାଳ ଜେ. ସୋନାଲ ଓ ଅନ୍ୟମାନେ।

## ଜିଲାସ୍ତରୀୟ ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା କମିଟି ବୈଠକ (ଦିଶା)

କାମ ଯୋଗୁ ଏହି ରାସ୍ତା କମ୍ ଦିନ ଭିତରେ ଖରାପ ହୋଇଯାଇଥିଲା। ଏଗ୍ରିମେଣ୍ଟ ଅନୁଯାୟୀ, ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରାସ୍ତା ଖରାପ ହେଲେ, ଠିକାଦାର ମାଗଣାରେ ମରାମତି କରିବା କଥା। କିନ୍ତୁ ଠିକାଦାର ତାହା କରୁ ନ ଥିଲେ। ଅନ୍ୟପଟେ ଏହି ରାସ୍ତାରେ ବାଲି ବୋଝେଇ ହାଇୱା ଆଦି ଚଳାଚଳ କରୁଥିବାରୁ ରାସ୍ତା ଅବସ୍ଥା ଅଧିକ ବିଗିଡ଼ି ଯାଇଛି। ଅପରପକ୍ଷେ ଜଳ ସମ୍ପଦ ବିଭାଗ ଉକ୍ତ ରାସ୍ତାକୁ ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ (ଆରଡି) ବିଭାଗକୁ ହସ୍ତାନ୍ତର କରିଦେଇଛି। ଆର୍‌ଡି ନିକଟରେ ପେଭର ବ୍ଲକରେ ରାସ୍ତା କାମ କରିବା ପାଇଁ ଟେଣ୍ଡର କରିସାରିଛି। ହେଲେ ରାସ୍ତା ଜଳ ସମ୍ପଦ ବିଭାଗ ଅଧୀନରେ ଥିବାବେଳେ ଏହି କାମ କରିଥିବା ଠିକାଦାରଙ୍କ ମରାମତି ଅବଧି ସରିଛି କି ନାହିଁ ତାହା ଅନୁଧ୍ୟାନ ନ କରି ଆର୍‌ଡି ନୂଆ ଟେଣ୍ଡର କରିବା ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର ଧରିଛି। ବଡ କଥା ହେଲା, ପେଭର ବ୍ଲକରେ ରାସ୍ତା କାମ ହେବା କଥାକୁ ସ୍ଥାନୀୟ ଅଞ୍ଚଳର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ସେହିପରି ତିର୍ତ୍ତୋଲ ବ୍ଲକ ଛପଡ଼ାରୁ ମୂଲିସିଂ ରାସ୍ତା ଉପରେ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଜିଲାରେ ମୋଟ ୬୨,୭୬୬ ଜଣ ଚାଷୀ ଅନ୍ତର୍ଭୁକ୍ତ ହୋଇପାରିଛନ୍ତି। ୪,୦୦୦ ହେକ୍ଟର ଜମିର ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପରୀକ୍ଷଣ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଜିଲାରେ ୧୩ଟି ରାସ୍ତା କାମ ସରିଥିବା ବେଳେ ଡିସେମ୍ବର ସୁଦ୍ଧା ଆଉ ୨୭ଟି ନିର୍ମାଣ ସରିବ ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେଇଥିଲେ। ବିଶେଷକରି କେନ୍ଦ୍ର ସରକାରଙ୍କ ପ୍ରଣୀତ ବିଭିନ୍ନ ଯୋଜନା ଯଥା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା(ପିଏମ୍‌କେଏସ୍‌ୱାଇ), ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ), ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର୍‌କେଭିୱାଇ), ପରମ୍ପରାଗତ କୃଷି ବିକାଶ ଯୋଜନା (ପିକେଭିୱାଇ), ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ (ଏସ୍‌ଏଚ୍‌ସି), ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଓ ତ୍ୱରିତ ଜଳସେଚନ ଲାଭ ଆଦିର କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ଏହାବାଦ୍ ଏକୀକୃତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍), ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ), ଜାତୀୟ ଖାଦ୍ୟ ସୁରକ୍ଷ ଆଇନର କାର୍ଯ୍ୟକାରିତା, ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍), ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି), ସ୍ୱଚ୍ଛ ଭାରତ ମିଶନ (ଏସ୍‌ବିଏମ୍), ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ (ଏସ୍‌ବିଏମ୍-ଜି), ଜାତୀୟ ଗ୍ରାମୀଣ ପାନୀୟ ଜଳ କାର୍ଯ୍ୟକ୍ରମ (ଏନ୍‌ଆର୍‌ଡିଡବ୍ଲ୍ୟୁପି), ଦୀନଦୟାଲ ଅନ୍ତ୍ୟୋଦ୍ୱୟ (ଗ୍ରାମୀଣ) କୌଶଳ ଯୋଜନା (ଡିଡିୟୁ-ଜିକେୱାଇ), ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ (ପିଏମ୍‌ଏୱାଇ-ଜି), ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସହରୀ (ପିଏମ୍‌ଏୱାଇ-ୟୁ), ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା (ଡିଡିୟୁଜିଜେୱାଇ), ସର୍ବଶିକ୍ଷା ଅଭିଯାନ (ଏସ୍‌ଏସ୍‌ଏ), ମିଡ ଡେ ମିଲ ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାରରେ ସୃଷ୍ଟି କାର୍ଯ୍ୟକ୍ରମ (ପିଏମ୍‌ଇଜିପି), ଟେଲିକମ ଓ ରାଜପଥ ଆଦି ଭିତ୍ତିଭୂମି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଜିଲାପାଳ ଜେ. ସୋନାଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

